ବର୍ଷ-୨୫, ସଂଖ୍ୟା-୯୩
ଭୁବନେଶ୍ୱର
୦୫, ଏପ୍ରିଲ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 93
Bhubaneswar
05 April, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ପାଣ୍ଡ୍ୟାଙ୍କୁ ୫ ୱିକେଟ ସଫଳତା

### କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶାକୁ ଦୁଇଟି ରେଳ ପ୍ରକଳ୍ପ

**ନୂଆଦିଲ୍ଲୀ,୪।୪(ମହାଭରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ରେଳ ମନ୍ତ୍ରଣାଳୟର ୪ଟି ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ମୋଟ ମୂଲ୍ୟ ପ୍ରାୟ ୧୮,୬୫୮ କୋଟି ଟଙ୍କା। ମହାରାଷ୍ଟ୍ର, ଓଡ଼ିଶା ଏବଂ ଛତିଶଗଡ଼ ଭଳି ୩ଟି ରାଜ୍ୟର ୧୫ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରୁଥିବା ଏହି ଚାରୋଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପାଖାପାଖି ୧୨୪୭ କିଲୋମିଟର ବୃଦ୍ଧି କରିବ।



ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି : ସମ୍ବଲପୁର-ଜରପଡା ୩ୟ ଏବଂ ୪ର୍ଥ ଲାଇନ, ଝାରସୁଗୁଡା-ସାସନ୍ ୩ୟ ଏବଂ ୪ର୍ଥ ଲାଇନ୍, ଖରସିଆ-ନୟା ରାୟପୁର-ପରମଲକସା ୫ମ ଏବଂ ୬ଷ୍ଠ ଲାଇନ ଓ ଗୋଣ୍ଡିଆ-ବଲହାରଶାହ ଦୋହରୀକରଣ।

ବର୍ଦ୍ଧିତ ଲାଇନ କ୍ଷମତା ଗତିଶୀଳତାରେ ଉନ୍ନତି ଆଣିବ, ଭାରତୀୟ ରେଳବାଇ ପାଇଁ ବର୍ଦ୍ଧିତ ଦକ୍ଷତା ଏବଂ ସେବା ବିଶ୍ୱସନୀୟତା ପ୍ରଦାନ କରିବ। ଏହି ମଲ୍ଟିଟ୍ରାକିଂ ପ୍ରସ୍ତାବଗୁଡ଼ିକ ପରିଚାଳନାକୁ ସହଜ କରିବ ଏବଂ ଭିଡ଼ ହ୍ରାସ କରିବ, ଯାହା ଭାରତୀୟ ରେଳବାଇର ବ୍ୟସ୍ତବହୁଳ ବିଭାଗରେ ବହୁ ଆବଶ୍ୟକୀୟ ଭିତ୍ତିଭୂମି ବିକାଶ ପ୍ରଦାନ କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ପରିକଳ୍ପନା ଅନୁରୂପ, ଯାହା ଏହି ଅଞ୍ଚଳର ଲୋକମାନଙ୍କୁ 'ଆତ୍ମନିର୍ଭର' କରିବ ଓ ସେମାନଙ୍କ ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବ।ଏହି ପ୍ରକଳ୍ପଗୁଡ଼ିକ ମଲ୍ଟି-ମୋଡାଲ ସଂଯୋଗ ପାଇଁ ପିଏମ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ପରିଣାମ ଯାହା ସମନ୍ୱିତ ଯୋଜନା ମାଧ୍ୟମରେ ସମ୍ଭବ ହୋଇଛି ଏବଂ ଲୋକ, ସାମଗ୍ରୀ ଏବଂ ସେବାର ଗତିବିଧି ପାଇଁ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରିବ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୧୯ଟି ନୂତନ ଷ୍ଟେସନ ନିର୍ମାଣ କରାଯିବ, ଯାହା ଦ୍ୱାରା ଦୁଇଟି ଆକାଂକ୍ଷୀ ଜିଲ୍ଲା (ଗଡଚିରୋଲି ଏବଂ ରାଜନନ୍ଦଗାଓଁ) ସହିତ ସଂଯୋଗ ବୃଦ୍ଧି ପାଇବ। ବହୁମୁଖୀ ପ୍ରକଳ୍ପ ୩୩୫୦ ଗ୍ରାମ ଏବଂ ପାଖାପାଖି ୪୭.୨୫ ଲକ୍ଷ ଜନସଂଖ୍ୟାକୁ ସଂଯୋଗ କରିବ ।

ଖରସିଆ-ନୟା ରାୟପୁର-ପରମଲକାସା ବାଲୋଦା ବଜାର ଭଳି ନୂତନ କ୍ଷେତ୍ରକୁ ସିଧାସଳଖ ସଂଯୋଗ ପ୍ରଦାନ କରିବ, ଏହା ଏହି ଅଞ୍ଚଳରେ ସିମେଣ୍ଟ ପ୍ଲାଣ୍ଟ ସମେତ ନୂତନ ଶିଳ୍ପ ୟୁନିଟ୍ ସ୍ଥାପନ ପାଇଁ ସମ୍ଭାବନା ସୃଷ୍ଟି କରିବ।

କୃଷିଜାତ ଦ୍ରବ୍ୟ, ସାର, କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ଚୂନପଥର ଇତ୍ୟାଦି ସାମଗ୍ରୀର ପରିବହନ ପାଇଁ ଏଗୁଡ଼ିକ ହେଉଛି ଅତ୍ୟାବଶ୍ୟକ ମାର୍ଗ। କ୍ଷମତା ବୃଦ୍ଧି କାର୍ଯ୍ୟ ଫଳରେ ଅତିରିକ୍ତ ମାଲ ପରିବହନ ପରିମାଣ ୮୮.୭୭ ଏମଟିପିଏ (ବାର୍ଷିକ ମିଲିୟନ ଟନ) ବୃଦ୍ଧି ପାଇବ। ରେଳବାଇ ପରିବେଶ ଅନୁକୂଳ ଏବଂ ଶକ୍ତି ସଂରକ୍ଷଣ ପରିବହନ ମାଧ୍ୟମ ହୋଇଥିବାରୁ ଏହା ଜଳବାୟୁ ଲକ୍ଷ୍ୟ ହାସଲ କରିବା ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା, ତୈଳ ଆମଦାନୀ ହ୍ରାସ କରିବା (୯୫ କୋଟି ଲିଟର) ଏବଂ ସିଓ୨ ନିର୍ଗମନ ହ୍ରାସ କରିବା (୪୭୭ କୋଟି କିଲୋଗ୍ରାମ), ଯାହା ୧୯ କୋଟି ବୃକ୍ଷରୋପଣ ସହିତ ସମାନ।

## ମୋଦୀଙ୍କ ୨୧ ସୂତ୍ରୀ ପ୍ରସ୍ତାବ




ନୂଆଦିଲ୍ଲୀ,୪।୪(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଥାଇଲାଣ୍ଡର ବ୍ୟାଙ୍କକଠାରେ ଅନୁଷ୍ଠିତ ଷଷ୍ଠ ବିମସଟେକ୍ ଶିଖର ସମ୍ମିଳନୀରେ ବିମସଟେକ୍ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରି ଏକ ୨୧ ସୂତ୍ରୀ କାର୍ଯ୍ୟ ଯୋଜନା ପ୍ରସ୍ତାବ ଦେଇଛନ୍ତି।

ବିମ୍ସଟେକ ରାଷ୍ଟ୍ରଗୁଡ଼ିକରେ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଏବଂ ଆଇଟି କ୍ଷେତ୍ରର ସମୃଦ୍ଧ ସମ୍ଭାବନାକୁ ଉପଯୋଗ କରିବା ପାଇଁ ସେ ମନ୍ତବ୍ୟ ଦେଇଥିଲେ। ନିକଟରେ ମିଆଁମାର ଓ ଥାଇଲାଣ୍ଡରେ ହୋଇଥିବା ଭୂମିକମ୍ପକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାକାଶ ଦୁନିଆରେ କାମ କରିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ସାମୂହିକ ଭାବରେ ବିମ୍ସଟେକ କୁ ଉତ୍ସାହିତ କରିବାକୁ ଅନୁରୋଧ କରିବା ସହ ନେତୃତ୍ୱ ନେଉଥିବା ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ସାଂସ୍କୃତିକ ସମ୍ପର୍କ ବିମ୍ସଟେକ ରାଷ୍ଟ୍ରଗୁଡ଼ିକୁ ଆହୁରି ନିକଟତର କରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

ଏକ୍ସ ରେ ଏକ ଥ୍ରେଡ୍ ପୋଷ୍ଟରେ ସେ ଲେଖିଛନ୍ତି: ବିଶ୍ୱର ମଙ୍ଗଳ ପାଇଁ ବିମ୍ସଟେକ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଆମେ ଏହାକୁ ସୁଦୃଢ଼ କରିବା ଏବଂ ଆମର ସମ୍ପର୍କକୁ ଗଭୀର କରିବା ଜରୁରୀ। ଏହି ପରିପ୍ରେକ୍ଷୀରେ, ମୁଁ ଆମ ସହଯୋଗର ବିଭିନ୍ନ ଦିଗକୁ ନେଇ ଏକ ୨୧ ସୂତ୍ରୀ କାର୍ଯ୍ୟ ଯୋଜନା ପ୍ରସ୍ତାବ ଦେଇଥିଲି। ବିମ୍ସଟେକ ରାଷ୍ଟ୍ରଗୁଡ଼ିକରେ ବ୍ୟବସାୟକୁ ପ୍ରୋତ୍ସାହିତ କରିବାର ସମୟ ଆସିଛି। ଆସନ୍ତୁ ଆଇଟି କ୍ଷେତ୍ରର ସମୃଦ୍ଧ ସମ୍ଭାବନାକୁ ଉପଯୋଗ କରିବା ଏବଂ ବିମ୍ସଟେକକୁ ବୈଷୟିକ ଦୃଷ୍ଟିରୁ ସୁଦୃଢ଼ କରିବା।

ନିକଟରେ ମିଆଁମାର ଓ ଥାଇଲାଣ୍ଡକୁ ପ୍ରଭାବିତ କରିଥିବା ଭୂମିକମ୍ପ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରୁଛି। ଆସନ୍ତୁ ଆମର ସହଯୋଗକୁ ମହାକାଶ ଦୁନିଆରେ ପହଞ୍ଚାଇବା। ଆସନ୍ତୁ ଆମର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା। ବିମସଟେକ୍ ଦକ୍ଷତା ବିକାଶ ଢାଞ୍ଚାର ଏକ ଜ୍ୱଳନ୍ତ ଉଦାହରଣ ହେବାର ସମ୍ଭାବନା ରହିଛିଯ ଆମେ ସମସ୍ତେ ପରସ୍ପରଠାରୁ ଶିଖିବୁ ଏବଂ ଆଗକୁ ବଢ଼ିବୁ। ଆମେ ମିଳିତ ଭାବେ ବିମ୍ସଟେକକୁ ଶକ୍ତିଶାଳୀ କରିବୁ ଏବଂ ଆମର ଯୁବପିଢ଼ି ହିଁ ଏହାର ନେତୃତ୍ୱ ନେବେ। କିଛି ଜିନିଷ ସଂସ୍କୃତି ଭଳି ଯୋଡ଼ିହୋଇଥାଏ। ସାଂସ୍କୃତିକ ସମ୍ପର୍କ ବିମ୍ସଟେକ କୁ ଆହୁରି ନିକଟତର କରିପାରିବ।

### ୟୁନୁସଙ୍କୁ ସତର୍କ କଲେ

ନୂଆଦିଲ୍ଲୀ,୪।୪(ଏଜେନସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ୟାଙ୍କକରେ ବିମ୍ସଟେକ ଶିଖର ସମ୍ମିଳନୀ ଅବସରରେ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସଙ୍କୁ ସାକ୍ଷାତ କରିଛନ୍ତି।

ଗଣତାନ୍ତ୍ରିକ, ସ୍ଥିର, ଶାନ୍ତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ବାଂଲାଦେଶ ପାଇଁ ଭାରତର ସମର୍ଥନକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ସମ୍ପର୍କ ପ୍ରତି ଭାରତର ଲୋକାଭିମୁଖୀ ଆଭିମୁଖ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ସହଯୋଗ ଉଭୟ ଦେଶର ଜନସାଧାରଣଙ୍କ ପାଇଁ ଉଲ୍ଲେଖନୀୟ ଲାଭ ଆଣିଛି। ବାଂଲାଦେଶ ସହ ଏକ ସକାରାତ୍ମକ ଏବଂ ଗଠନମୂଳକ ସମ୍ପର୍କ ସ୍ଥାପନ କରିବା ପାଇଁ ଭାରତର ଇଚ୍ଛା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପରିବେଶକୁ ଖରାପ କରୁଥିବା ମନ୍ତବ୍ୟକୁ ଏଡ଼ାଇବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଥିଲେ। ସୀମାରେ ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ପାଇଁ ବିଶେଷ କରି ରାତିରେ ଆଇନର କଡ଼ାକଡ଼ି କାର୍ଯ୍ୟକାରିତା ଏବଂ ବେଆଇନ ସୀମା ପାର ରୋକିବା ଜରୁରୀ।

### ଭିଜିଲାନ୍ସ ହାତରେ ଧରାପଡିଲେ କନିଷ୍ଠ ଯନ୍ତ୍ରୀ

ବାଲିପାଟଣା ୪।୪(ମହାଭାରତ): ଭିଜିଲାନ୍ସ ଜାଲରେ ବ୍ଲକ କନିଷ୍ଠ ଯନ୍ତ୍ରୀ । ମଧ୍ୟସ୍ଥି ଜରିଆରେ ନେଉଥିଲେ ଲାଞ୍ଚ । ଧରାପଡିଗଲେ ଉଭୟ ।ବାଲିଅନ୍ତା ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସଂଘମିତ୍ର ପଟ୍ଟନାୟକଙ୍କୁ ଧରିଛି ଭିଜିଲାନ୍ସ । ମଧ୍ୟସ୍ଥି ମଧ୍ୟ ଭିଜିଲାନ୍ସ ହେପାଜତରେ। ସୂଚନାଯୋଗ୍ୟ ଯେ, ବାଲିଅନ୍ତା ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସଂଘମିତ୍ର ପଟ୍ଟନାୟକ ମଧ୍ୟସ୍ଥି ଜରିଆରେ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ମାଡ଼ି ବସିଛି ଭିଜିଲାନ୍ସ। ୨୦୨୩ ମସିହାର ଏକ ବିଲ୍ ପାସ୍ କରିବାକୁ ଯଶୁଆପୁରର ରଶ୍ମୀ ରଞ୍ଜନ ମହାପାତ୍ରଙ୍କ ଠାରୁ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ।ଏଥିରେ ଜଣେ ବ୍ୟକ୍ତି ମଧ୍ୟସ୍ଥତା କରିଥିଲେ। ଏ ନେଇ ରଶ୍ମୀ ରଞ୍ଜନ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଯୋଜନା ମୁତାବକ ମଧ୍ୟସ୍ଥି ଜରିଆରେ ୧୦ହଜାର ଟଙ୍କା ଦିଆଯାଇଥିଲା। ପରେ ଭିଜିଲାନ୍ସ ଅଫିସର କନିଷ୍ଠ ଯନ୍ତ୍ରୀଙ୍କୁ ନିଜ ହେପାଜତକୁ ନେଇଥିଲେ। ଏହାସହ ସଂପୃକ୍ତ ମଧ୍ୟସ୍ଥିକୁ ମଧ୍ୟ ହେପାଜତକୁ ନେଇଛି ଭିଜିଲାନ୍ସ।

## ପରଲୋକରେ ମନୋଜ କୁମାର



ମୁମ୍ବାଇ,୪।୪(ମହାଭାରତ): ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା-ନିର୍ମାତା-ନିର୍ଦ୍ଦେଶକ ମନୋଜ କୁମାର ଆଉ ନାହାନ୍ତି। ଆଜି ସକାଳ ସାଢ଼େ ୪ଟା ସମୟରେ କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ୮୭ ବର୍ଷ ବୟସରେ କିମ୍ବଦନ୍ତୀ ଅଭିନେତା ଏବଂ ନିର୍ଦ୍ଦେଶକ ମନୋଜ କୁମାରଙ୍କ ପରଲୋକ ଘଟିଛି। ବଲିଉଡର ଏହି ବରିଷ୍ଠ ବ୍ୟକ୍ତି ବିଶେଷ ଭାବରେ ତାଙ୍କର ଦେଶାତ୍ମବୋଧକ ଚଳଚ୍ଚିତ୍ର ଏବଂ 'ଭାରତ କୁମାର' ଉପନାମ ପାଇଁ ଚର୍ଚ୍ଚିତ ଥିଲେ। ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଥିବାବେଳେ ବିଶିଷ୍ଟ ଅଭିନେତା ଅଭିନେତ୍ରୀ ଦୁଃଖପ୍ରକାଶ କରିଛନ୍ତି।

ହରିକିଷନ୍ ଗୋସ୍ୱାମୀ ଓରଫ ମନୋଜ କୁମାର ୧୯୩୭ ଜୁଲାଇ ୨୪ ତାରିଖରେ ପଞ୍ଜାବର ଅମୃତସରରେ ଜନ୍ମଗ୍ରହଣ କରିଥିଲେ। ମନୋଜ କୁମାର ହିନ୍ଦୀ ସିନେମାରେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିଥିଲେ। ସହିଦ, ଉପକାର ଏବଂ ରଙ୍ଗ ଦେ ବସନ୍ତୀ ଭଳି ଚଳଚ୍ଚିତ୍ରରେ ତାଙ୍କର ପ୍ରତୀକାତ୍ମକ ଭୂମିକା ଭାରତୀୟ ଜନସାଧାରଣଙ୍କ ଦେଶପ୍ରେମ ଭାବନା ସହିତ ଗଭୀର ଭାବରେ ପ୍ରତିଧ୍ୱନିତ ହୋଇଥିଲା। ମନୋଜ କୁମାର ଶହୀଦ୍, ପୂରବ୍ ଔର୍ ପଶ୍ଚିମ, ମେରା ନାମ ଜୋକର୍, ହିମାଲୟକି ଗୋଦ୍ ମେ, ଗୁମନାମ୍, ଉପକାର, ରୋଟି କପଡ଼ା ଔର୍ ମକାନ୍, କ୍ରାନ୍ତି, ଶୋର୍, ପଥର କେ ସନମ୍, ବେଇମାନ୍, ଶୋର୍, କଳୟୁଗ ଔର୍ ରାମାୟଣ ଏବଂ ଜୟହିନ୍ଦ୍ ଆଦି ସିନେମା ଲାଗି ସ୍ମରଣୀୟ ହୋଇରହିବେ। ଭାରତୀୟ ସିନେମାରେ ଅବଦାନ ଲାଗି ମନୋଜ କୁମାରଙ୍କୁ , ଭାରତ ସରକାର ୧୯୯୨ ମସିହାରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ଏଣେ ୨୦୧୫ରେ ମସିହାରେ ତାଙ୍କୁ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ସେ ଗୋଟିଏ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ବିଭିନ୍ନ ବର୍ଗରେ ସାତଟି ଫିଲ୍ମଫେୟାର ପୁରସ୍କାର ମଧ୍ୟ ଲାଭ କରିଥିଲେ।

ମନୋଜ କୁମାରଙ୍କ ଅଧିକାଂଶ ସିନେମା ଥିଲା ମ୍ୟୁଜିକାଲ୍ ହିଟ୍। ତାଙ୍କ ଅଭିନୀତ/ନିର୍ଦ୍ଦେଶିତ କେତୋଟି ଲୋକପ୍ରିୟ ଗୀତ ହେଲା ଏକ୍ ପ୍ୟାର୍ କା ନଗମା ହେ (ଶୋର୍), ଜିନ୍ଦେଗିକି ନା ଟୁଟେ ଲଡି (କ୍ରାନ୍ତି), ମେରେ ଦେଶ୍ କୀ ଧରତୀ (ଉପକାର୍), ମେଁ ନା ଭୁଲୁଙ୍ଗା (ରୋଟି କପଡ଼ା ଔର୍ ମକାନ୍), ହେ ପ୍ରୀତ ଯାହାଁକି ରୀତ ସଦା..(ପୂରବ୍ ଔର୍ ପଶ୍ଚିମ) ଓ ମେହେବୁବ୍ ମେରେ ମେହେବୁବ୍..(ପଥର କେ ସନମ୍)।

ଭାରତୀୟ ସିନେମାରେ ଅବଦାନ ଲାଗି ମନୋଜ କୁମାରଙ୍କୁ ଭାରତ ସରକାର ୧୯୯୨ ମସିହାରେ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ। ଏଣେ ୨୦୧୫ରେ ମସିହାରେ ତାଙ୍କୁ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ସେ ଗୋଟିଏ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ବିଭିନ୍ନ ବର୍ଗରେ ସାତଟି ଫିଲ୍ମଫେୟାର ପୁରସ୍କାର ମଧ୍ୟ ଲାଭ କରିଥିଲେ।

## ବିଜେଡିରେ ହୃଦ୍‌କମ୍ପନ

**ଭୁବନେଶ୍ୱର,୪।୪(ମହାଭାରତ):** ଘଣ୍ଟା ଘଣ୍ଟା ଧରି ବିତର୍କ ପରେ ସଂସଦର ଉଭୟ ଗୃହ ଲୋକସଭା ଓ ରାଜ୍ୟସଭାରେ ବହୁ ପ୍ରତୀକ୍ଷିତ ୱାକଫ୍ ବିଲ୍ ଗୃହୀତ ହୋଇଛି। ଏହି ବିଲ୍ ବୁଧବାର ଲୋକସଭାରେ ଗୃହୀତ ହେଲା ପରେ ଗୁରୁବାର ରାତିରେ ରାଜ୍ୟସଭାରେ ମଧ୍ୟ ବହୁମତ ସହିତ ଗୃହୀତ ହୋଇଛି। ରାଜ୍ୟ ସଭାରେ ୱାକଫ ସପକ୍ଷରେ ୧୨୮ଓ ବିରୋଧରେ ୯୫ ଭୋଟ୍ ଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୱାକଫ୍ ବିଲକୁ ଆରମ୍ଭରୁ ବିରୋଧ କରିଆସିଥିବା ବିଜୁ ଜନତା ଦଳ ସମର୍ଥନ ଜଣାଇଛି। କିନ୍ତୁ ବିଜେଡିର ସମସ୍ତ ସାଂସଦ ୱାକଫ୍ ସପକ୍ଷରେ ଯାଇ ନଥିବା କୁହାଯାଉଛି। ଏ ନେଇ ଦଳରେ ହଟଚମଟ ସୃଷ୍ଟି ହେବା ସହ ଆଭ୍ୟନ୍ତରୀଣ ବିବାଦ ବଢିଛି। ସାଂସଦ ସସ୍ମିତ ପାତ୍ର ବିଲ୍ ସମର୍ଥନ ଦେବାକୁ ନେଇ ଦଳର ବରିଷ୍ଠ ନେତାମାନେ ସାମନାକୁ ଆସି ମୁହଁ ଖୋଲିଛନ୍ତି। ପୂର୍ବରୁ ଦୁଇ ଜଣ ରାଜ୍ୟସଭା ସଦସ୍ୟ ଦଳ ଛାଡ଼ିଥିବାବେଳେ ଏବେ ସସ୍ମିତଙ୍କ ସମର୍ଥନ ଦଳକୁ ଅଜଣା ଭୟ ଘାରିଛି। ତେବେ ୱାକଫ୍ ବିଲ୍ ଭୋଟିଂରେ ବିଜେଡି ଦୁଇ ଫାଳ ହେବା ଭଳି ଲାଗୁଛି।

**ୱାକଫ୍ ବିଲ୍ ନେଇ ଦୁଇ ଫାଳ**

ବିଜେଡି ପୂର୍ବରୁ ଘୋଷଣା କରିଥିଲା ଯେ ସେମାନେ ୱକଫ ସଂଶୋଧନ ବିଲକୁ ବିରୋଧ କରିବେ। ଗତ ବର୍ଷ ସେପ୍ଟେମ୍ବରରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ଏହି ବିଲ ଦ୍ୱାରା ଅଳ୍ପ ସଂଖ୍ୟକ ସମ୍ପ୍ରଦାୟ ମଧ୍ୟରେ ଅସୁରକ୍ଷିତ ହୋଇ ପଡିଛନ୍ତି ସେମାନେ ଏହାକୁ ରାଜ୍ୟ ସଭାରେ ବିରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଜେଡିର ରାଜ୍ୟ ସଭାରେ ୭ ଜଣ ଏମପି ଥିବାରୁ ଏହା ଭାଜପା ନେତୃତ୍ୱାଧୀନ ଏନଡିଏ ପାଇଁ ଏକ ଚ୍ୟାଲେଞ୍ଜ ହୋଇପାରିଥାନ୍ତା।



କିନ୍ତୁ ଗୁରୁବାର ବିଜେଡି ଏକ ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ନେଇ ଘୋଷଣା କଲା ଯେ ସେମାନେ ରାଜ୍ୟ ସଭାରେ ଏହି ବିଲ ଉପରେ କୌଣସି ଦଳୀୟ ନିର୍ଦ୍ଦେଶ (ପାର୍ଟିହ୍ୱିପ) ଜାରି କରିବେ ନାହିଁ। ବିଜେଡିର ରାଜ୍ୟ ସଭା ଏମପି ତଥା ଦଳର ମୁଖପାତ୍ର ସସ୍ମିତ ପାତ୍ର ଏକ୍ସରେ ପୋଷ୍ଟ କରି କହିଥିଲେ, ଆମ ଦଳ ରାଜ୍ୟ ସଭାରେ ଥିବା ଏମପିମାନଙ୍କୁ ନ୍ୟାୟ, ସମନ୍ୱୟ ଏବଂ ସମସ୍ତ ସମ୍ପ୍ରଦାୟର ଅଧିକାର ପାଇଁ ନିଜ ବିବେକ ଅନୁସାରେ ଭୋଟ ଦେବାର ଦାୟିତ୍ୱ ଦେଇଛି। ଏହା ସୂଚାଇଦେଇଛି ଯେ ବିଜେଡି ଏମପିମାନେ ନିଜ ଇଚ୍ଛାନୁସାରେ ଭୋଟ ଦେଇପାରିବେ, ଯାହା ଭାଜପାକୁ ସମର୍ଥନ କରିବାର ସମ୍ଭାବନାକୁ ଖୋଲା ରଖିଛି ବୋଲି ଚର୍ଚ୍ଚା ହୋଇଛି।

ଯଦିଓ ବିଜେଡି ସ୍ପଷ୍ଟ ଭାବେ ଭାଜପାକୁ ସମର୍ଥନ କରିବାର ଘୋଷଣା କରିନାହିଁ। ତଥାପି ଦଳୀୟ ନିର୍ଦ୍ଦେଶ ନଦେବା ଏକ ରାଜନୈତିକ ଚାଲ ଭାବେ ଦେଖାଯାଇଛି। ରାଜ୍ୟ ସଭାରେ ଏନଡିଏର ସଂଖ୍ୟା ୧୨୫ ଥିବାବେଳେ ବିରୋଧୀ ଇଣ୍ଡିଆ ମେଣ୍ଟର ସଂଖ୍ୟା ୮୮ ରହିଛି। ବିଜେଡିର ୭ ଏମପି ଯଦି ଭାଜପା ପକ୍ଷରେ ଭୋଟ ଦେଇଥାନ୍ତେ, ତାହା ଏନଡିଏର ସ୍ଥିତିକୁ ଆହୁରି ମଜବୁତ କରିଥାନ୍ତା। କିନ୍ତୁ ସଠିକ ଭୋଟିଂ ତଥ୍ୟ ଅନୁସାରେ ଏହା ସ୍ପଷ୍ଟ ନୁହେଁ ଯେ ସମସ୍ତ ବିଜେଡି ଏମପି ଭାଜପାକୁ ସମର୍ଥନ କରିଥିଲେ କି ନାହିଁ। କିନ୍ତୁ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି କି, ୭ଜଣ ଏମପିଙ୍କ ମଧ୍ୟରୁ ୩ଜଣ ସପକ୍ଷରେ ୩ଜଣ ବିରୋଧରେ ଓ ଜଣେ ଭୋଟ ଦେଇ ନାହାନ୍ତି।ଏହିକ୍ରମରେ ସସ୍ମିତ ପାତ୍ର ଭୋଟ ସମର୍ଥନରେ ଦେଇଛନ୍ତି ବୋଲି ସ୍ପଷ୍ଟ ହୋଇଛି।ଏଥିସହ ଏମପି ଦେବାଶିଷ ସାମନ୍ତରାୟ ଭୋଟ ଦେଇ ନାହାନ୍ତି ବୋଲି କହିଛନ୍ତି।

ଏହାରି ଭିତରେ ବିଜେଡି ରାଜ୍ୟ ସଭା ଏମପି ଦେବାଶିଷ ସାମନ୍ତରାୟ ବଡ଼ ବୟାନ ଦେଇଛନ୍ତି ସେ କହିଛନ୍ତି,ଅସନ୍ତୁଷ୍ଟ ହୋଇ ଭୋଟ ଦେଲିନି। ଦଳ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇ ମୁଁ କାଲି ଭୋଟ ଦେଲିନି।

ସେହିପରି ଭୋଟିଂକୁ ନେଇ ସାଂଘାତିକ ବୟାନ ଦେଇଛନ୍ତି। ବିଜେଡି ନେତା ବଦ୍ରି ପାତ୍ର ସେ କହିଛନ୍ତି, କିଛି ଖେଳ ହୋଇଛି ।ଦଳରେ ନିଷ୍ପତ୍ତି ହେଲା ପରେ ଏଭଳି କାର୍ଯ୍ୟ ଅଡୁଆ। ପରିସ୍ଥିତି ସୃଷ୍ଟି କରିଛି। ବିରୋଧ କରିବାକୁ ନବୀନ ମୁନା ଖାଁଙ୍କୁ ୨ଥର କହିଥିଲେ। ନିଷ୍ପାପର ଭାବେ ବିରୋଧ କରିବା ପାଇଁ କହିଥିଲେ। ଏପରି କେମିତି ହେଲା ଚିନ୍ତାଜନକ, କିଛି ଖେଳ ହୋଇଛି ସଭାପତି ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି ହ୍ୱିପ କାହିଁକି ଜାରି କରାଗଲାନି, ସନ୍ଦେହ ଘେରରେ ରହିଛି।

ଏହି ନିଷ୍ପତ୍ତି ପରେ ଶଙ୍ଖ ଭବନରେ ବିଜେଡିର ବଡ଼ ବୈଠକ ବସିଛି। ଆଲୋଚନାରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଶଶିଭୂଷଣ ବେହେରା, ରଜନୀକାନ୍ତ ସିଂ, ନୃସିଂହ ସାହୁ, ଚନ୍ଦ୍ରଶେଖର ସାହୁ, ଆୟୁବ ଖାଁ, ପ୍ରଫୁଲ୍ଲ ସାମଲ, ପଦ୍ମନାଭ ବେହେରା, ଅଶୋକ ପଣ୍ଡା, ଭୂପିନ୍ଦର ସିଂ, ରଘୁ ସାହୁ, ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବହୁ ବରିଷ୍ଠ ନେତା ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ଥିବାରୁ ସେ ନବୀନଙ୍କୁ ଭେଟିଥିବା ଜଣାପଡିଛି।

ବିରୋଧୀ ଦଳମାନେ ବିଜେଡି ଉପରେ ଅଭିଯୋଗ ଆଣିଛନ୍ତି ଯେ ସେମାନେ ଭାଜପା ସହ ଗୋପନ ବୁଝାମଣା କରିଛନ୍ତି। ଅନ୍ୟପକ୍ଷରେ, ବିଜେଡି କହିଛି ଯେ ସେମାନେ ସମସ୍ତ ସମ୍ପ୍ରଦାୟର ଅଧିକାରକୁ ସମ୍ମାନ ଦେଇ ଏକ ସ୍ୱାଧୀନ ନିଷ୍ପତ୍ତି ନେଇଛନ୍ତି। ବିଜେଡିର ଏହି ପରିବର୍ତ୍ତିତ ଅବସ୍ଥାନ ଓଡ଼ିଶା ରାଜନୀତିରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି, କାରଣଦଳ ପୂର୍ବରୁ ଭାଜପାକୁ ରାଜ୍ୟସ୍ତରରେ ବିରୋଧ କରୁଥିଲା ବିଜେଡି ସ୍ପଷ୍ଟ ଭାବେ ଭାଜପାକୁ

### ଷ୍ଟକବଜାର ପାଇଁ କଳା ଶୁକ୍ରବାର

ମୁମ୍ବାଇ,୪।୪(ମହାଭାରତ): ଟ୍ରମ୍ପଙ୍କ ନୂତନ ଟାରିଫ୍ ନୀତିପରେ ଗୁରୁବାର ଆମେରିକୀୟ ବଜାରରେ ହୋଇଥିବା ପ୍ରବଳ ହ୍ରାସର ସିଧାସଳଖ ପ୍ରଭାବ ଆଜି ଭାରତୀୟ ଷ୍ଟକ ବଜାର ସମେତ ସମଗ୍ର ଅନ୍ତର୍ଜାତୀୟ ଷ୍ଟକ ବଜାର ଉପରେ ପଡ଼ିଛି। ଆଜି ସପ୍ତାହର ଶେଷ ବ୍ୟବସାୟ ଦିବସରେ ବାଣିଜ୍ୟ ଆରମ୍ଭରୁ ଭାରତୀୟ ଷ୍ଟକ୍ ବଜାରରେ ପ୍ରବଳ ବିକ୍ରୟ ଦେଖିବାକୁ ମିଳିଥିଲା। ସେନସେକ୍ସ ପ୍ରାୟ ୯୩୦.୬୭ ପଏଣ୍ଟ ହ୍ରାସ ପାଇ ୭୫,୩୬୪ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ନିଫଟି ୩୪୫ ପଏଣ୍ଟ ହ୍ରାସ ପାଇ ୨୨,୯୦୪ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ନିଫଟି ୩୪୫ ପଏଣ୍ଟ ହ୍ରାସ ପାଇ ୨୨,୯୦୪ ପଏଣ୍ଟରେ ବନ୍ଦ ହୋଇଛି।

## ରାଜ୍ୟସଭାରେ ୱାକଫ ବିଲ୍ ପାରିତ : ସରିଲା ବଜେଟ୍ ଅଧିବେଶନ

ନୂଆଦିଲ୍ଲୀ,୪।୪(ମହାଭାରତ): ସଂସଦ ଉଭୟ ଗୃହରେ ଶେଷ ହେଲା ବଜେଟ୍ ଅଧିବେଶନ। ଲୋକସଭା ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେଲା ରାଜ୍ୟସଭା। ୩୧ ଜାନୁୟାରୀରେ ଆରମ୍ଭ ହୋଇଥିଲା ସଂସଦର ବଜେଟ ଅଧିବେଶନ। ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖର।

ତେବେ ବଜେଟ ଅଧିବେଶନ ଚର୍ଚ୍ଚାରେ ସଦସ୍ୟମାନେ ଭାଗ ନେଇ ଆଲୋଚନା କରିଥିଲେ। ଏଥିରେ ୧୦ଟି ସରକାରୀ ବିଲ୍ ଆଗତ ହୋଇଥିବା ବେଳେ ୱାକଫ୍ ବିଲ ସହ ୧୬ଟି ବିଲ ପାରିତ ହୋଇଛି। ଏହି ଅବସରରେ ବାଚସ୍ପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଟାରିଫ ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ପାର୍ଲାମେଣ୍ଟର ମକର ଦ୍ୱାରା ସାମ୍ନାରେ ବିରୋଧ କରାଯାଉଛି ।



ସପକ୍ଷରେ ୧୨୮ ଭୋଟ, ବିପକ୍ଷରେ ୯୫ ଖଣ୍ଡ ଭୋଟ

ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିତର୍କ ପରେ ଲୋକସଭା ପରେ ରାଜ୍ୟସଭାରେ ବି ପାସ୍ ହୋଇଥିଲା ୱାକଫ ବିଲ। ବିଲ୍ ସପକ୍ଷରେ ୧୨୮ଟି ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୯୫ଟି ଭୋଟ୍ ପଡ଼ିଥିଲା। ଏଥିସହ ୱାକଫ୍ ଏବେ ଆଇନରେ ପରିଣତ ହେବାରୁ ମାତ୍ର ଗୋଟିଏ ପାଦ ଦୂରରେ। ବିଲକୁ ଏବେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହେବ। ରାଜ୍ୟସଭା ପୂର୍ବରୁ ବୁଧବାର ଲୋକସଭାରେ ଏହି ବିଲ୍ ଆଗତ ହୋଇଥିଲା। ୧୨ ଘଣ୍ଟାର ଆଲୋଚନା ପରେ ସରକାର ଏହାକୁ ପାରିତ କରିବାରେ ସଫଳ ହୋଇଛନ୍ତି। ଲୋକସଭାରେ ଏହି ବିଲ୍ ସପକ୍ଷରେ ୨୮୮ଟି ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୨୩୨ଟି ଭୋଟ୍ ପଡ଼ିଛି।

ରାଜ୍ୟସଭାରେ ଆଲୋଚନା ବେଳେ ବିରୋଧୀ ଦଳ ସଦସ୍ୟମାନେ ଏହାକୁ ତୀବ୍ର ବିରୋଧ କରିଥିଲେ। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳମାନେ ଏହାକୁ ଅସାମ୍ବିଧାନିକ ବୋଲି କହିଥିଲେ। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ବିଲରେ ଅନେକ ତ୍ରୁଟି ରହିଛି। ମୁସଲିମ୍ ସମ୍ପ୍ରଦାୟକୁ ହଇରାଣ କରିବା ପାଇଁ ସରକାର ଏହି ବିଲ୍ ଆଣିଛନ୍ତି।

ୱାକଫ ବୋର୍ଡକୁ ନେଇ ଆଇନ ପୂର୍ବରୁ ରହିଛି ଏବଂ ଏଥିରେ ପରିବର୍ତ୍ତନ କରାଯାଇପାରିବ। ଏଥିପାଇଁ ନୂଆ ବିଲର ଆବଶ୍ୟକତା ନାହିଁ। ଏହି ବିଲକୁ ପ୍ରତ୍ୟାହାର କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ସେପଟେ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ୱାକଫ ବୋର୍ଡ ଏକ ସାମ୍ବିଧାନିକ ସଂସ୍ଥା ଏବଂ ଏହା ଧର୍ମନିରପେକ୍ଷ ହେବା ଉଚିତ। ଜଣେ ବି ମୁସଲମାନ ଏହି ବିଲ୍ ଦ୍ୱାରା ପ୍ରଭାବିତ ହେବେ ନାହିଁ। ଏହାଦ୍ୱାରା କୋଟି କୋଟି ମୁସଲମାନ ଉପକୃତ ହେବେ ବୋଲି କହିଛନ୍ତି।

## ଘରୁ ଡାକିଆଣି ଯୁବକଙ୍କୁ ନିର୍ମମ ହତ୍ୟା

ଜଟଣୀ,୪।୪(ମହାଭାରତ.): ବଜାର ଉପରେ ଗଡ଼ିଲା ମୁଣ୍ଡ। ଘରୁ ଡାକିଆଣି ଯୁବକଙ୍କୁ ନିର୍ମମ ହତ୍ୟା। ଗୁରୁବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁରଠାରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ ଜଟଣୀ ନୂଆଗାଁ ଅଞ୍ଚଳର ମାନସ ଦଳେଇ । ତାଙ୍କୁ ଘରୁ ଡାକିଆଣି ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ।ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ଜଟଣୀ ଥାନା ଷଣ୍ଢପୁର ଛକରେ ମାନସଙ୍କୁ ହତ୍ୟା କରାଯାଇଛି। ତାଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ମାନସଙ୍କୁ ଘରୁ ଡାକିଆଣି ସଙ୍ଗବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ତେବେ କିଏ ଏବଂ କାହିଁକି ତାଙ୍କୁ ହତ୍ୟା କଲା ତାହା ଅସ୍ପଷ୍ଟ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଜଘନ୍ୟ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି । ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ପୋଲିସ ।

## ଚିକେନ ଗୋଲମରିଚ

**ଆବଶ୍ୟକ ସାମଗ୍ରୀ:** ଚିକେନ, ପିଆଜ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ, ରିଫାଇନ୍ ତେଲ, ଗୁଜୁରାତି, ଲବଙ୍ଗ, ଡାଲଚିନି, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ। ଏହା ପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ। ସେହିଭଳି ପିଆଜକୁ ଭାଜି ଅଙ୍କ ବାଟି ରଖନ୍ତୁ। କଡ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି ) ପକାନ୍ତୁ। ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନକୁ ଚଲାନ୍ତୁ। ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ। ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ।



### ଖବର

## ସାମ୍ନାକୁ ଆସିଲା 'ପଞ୍ଚାୟତ ୪'ର ରିଲିଜ୍



ଲୋକପ୍ରିୟ ୱେବ ସିରିଜ୍ 'ପଞ୍ଚାୟତ'ର ପ୍ରଶଂସକଙ୍କ ପାଇଁ ଖୁସିଖବର । ଏହି ସିରିଜର ଚତୁର୍ଥ ସିଜନର ରିଲିଜ ଡେଟ୍ ସାମ୍ନାକୁ ଆସିଛି । କମେଡି ଓ ଇମୋଶନରେ ଭରପୁର ଏହି ଶୋ'କୁ ଅଧିକ ମଜାଦାର କରିବା ପାଇଁ ର୍ନିମାତା ଅଣ୍ଟା ଭିଡିଛନ୍ତି । ତେବେ ଆସନ୍ତୁ ଜାଣିବା ଏହା କେବେ ଏବଂ କେଉଁ ପ୍ଲାଟଫର୍ମରେ ରିଲିଜ୍ ହେବ ।ପଞ୍ଚାୟତ ୪ ଚଳିତ ବର୍ଷ ୨ ଜୁଲାଇରେ ରିଲିଜ୍ ହୋଇପାରେ । ଏହାର ଏପର୍ଯ୍ୟନ୍ତ ଅଫିସିଆଲ୍ ଘୋଷଣା ହୋଇନି ।କିନ୍ତୁ ର୍ନିମାତା ଏନେଇ ସଙ୍କେତ ଦେଇଛନ୍ତି କି ଏଥିରେ ଅଧିକ ଡ୍ରାମା ଓ କମେଡି ଦେଖିବାକୁ ମିଳିବ ।ଗତ ସିଜନ ଭଳି ଏହି ସିରିଜ୍ ମଧ୍ୟ ଆମାଜନ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମ୍ ହେବ । ଯେଉଁ ଦର୍ଶକ ଏହି ୱେବ୍ ସିରିଜ ଦେଖିବାକୁ ଚାହୁଁଛନ୍ତି ସେମାନଙ୍କ ପ୍ରାଇମ୍ ଭିଡିଓର ସବସ୍କ୍ରିପ୍ସନ ନେବାକୁ ହେବ । ଏଥର ମଧ୍ୟ ଜିତେନ୍ଦ୍ର କୁମାର,ନୀନା ଗୁପ୍ତା, ରଘୁବୀର ଯାଦବ, ଚନ୍ଦନ ରାୟ ଓ ଫୈସଲ ମଲିକ୍ ଭଳି କଳାକାର ନିଜ ଦମଦାର ଅଭିନୟରେ ଦର୍ଶକଙ୍କ ହୃଦୟ ଜିତିବେ।

## ନିତ୍ୟସ୍ମରଣ ପାଇଁ ଶ୍ରୀଗଣେଶଙ୍କ ୧୪ଟି ନାମ



ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଉପାସନା ସର୍ବଦା ଶୁଭଫଳଦାୟୀ ହୋଇଥାଏ । ଭଗବାନ ଗଜାନନଙ୍କ ପୂଜା ସମସ୍ତ ବିଘ୍ନ ହରଣ କରିବା ସହ ମଣିଷ ଜୀବନକୁ ମଙ୍ଗଳମୟ କରି ଦେଇଥାଏ । ଅନ୍ୟପଟେ ଶ୍ରୀଗଣେଶଙ୍କର ନିୟମିତ ଉପାସନା ଦ୍ୱାରା ଭକ୍ତର ସମସ୍ତ ରିଷ୍ଟ ଖଣ୍ଡନ ହୁଏ । ତେବେ ପ୍ରଭୁ ଗଜାନନଙ୍କ ୧୪ ନାମ ନିତ୍ୟ ସ୍ମରଣ କଲେ ଭକ୍ତ ଅଶେଷ ସିଦ୍ଧି ପ୍ରାପ୍ତି କରିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଗଜାନନଙ୍କ ଏହି ୧୪ଟି ନାମ ହେଉଛି- ବିନାୟକ, ଗଜାନନ, ଗଣେଶ, ଲମ୍ବୋଦର, ଏକଦନ୍ତ, ବକ୍ରତୁଣ୍ଡ, ବିଘ୍ନରାଜ, ଭାଲଚନ୍ଦ୍ର, ଗଣାଧୀଷ, ବିକଟ, ହେରମ୍ବ, କୃଷ୍ଣପିଙ୍ଗାକ୍ଷ, ଆଖୁରଦ୍ଧ, ଗୌରୀପୁତ୍ର । ଯେଉଁବ୍ୟକ୍ତି ପ୍ରତିଦିନ ଏହି ନାମଗୁଡ଼ିକୁ ଉଚ୍ଚାରଣ କରି ଶ୍ରୀଗଣେଶଙ୍କ ପୂଜା କରିଥାଏ, ତା' ଜୀବନରେ ସମସ୍ତ ଦୁଃଖ କଷ୍ଟ ଦୂର ହେବା ସହ ସେ ସୁଖସମୃଦ୍ଧି ଲାଭ କରିଥାଏ ।

## ଭାନାମତୀଙ୍କୁ ଭେଟିଲେ ନାରଦ ଓ ରତି

ଭଗବାନ ବିଷ୍ଣୁଙ୍କର କଥା ଶୁଣି ପଦ୍ମିନୀ କହିଲେ ଇଏ କାନ୍ଦ ନୁହେଁ ପ୍ରଭୁ ପଶ୍ଚାତାପର ଅଶ୍ରୁ। ଏବେ ମୋର ମାୟା ଓ ରସାୟନ ବିଦ୍ୟା ପ୍ରତି ଲୋଭ ନାହିଁ। ଏବେ ମୁଁ ମୁକ୍ତି ଚାହୁଁଛି ପ୍ରଭୁ। ଯେବେ ଦ୍ୱାପର ଯୁଗରେ ମୋ ହାତରେ ତ୍ରିଲୋକ କଲ୍ୟାଣ ପାଇଁ କାର୍ଯ୍ୟ ସମ୍ପନ୍ନ ହେବ ଆପଣ ମୋତେ ମୁକ୍ତି ଦେଇଦେବେ ପ୍ରଭୁ ଏହା ମୋର ପ୍ରାର୍ଥନା। ଭଗବାନ ଶ୍ରୀହରି କହିଲେ ତଥାସ୍ତୁ।

ଏହାଶୁଣି ନାରଦମୁନି ଶ୍ରୀକୃଷ୍ଣଙ୍କୁ କହିଲେ ଆପଣଙ୍କ ଲୀଳା ଅପାର ପ୍ରଭୁ। ପ୍ରଦ୍ୟୁମ୍ନଙ୍କ ସୁରକ୍ଷା ଯୋଜନା ଆପଣ ପୂର୍ବରୁ ହିଁ କରିସାରିଛନ୍ତି। ପଦ୍ମିନୀଙ୍କ ମାୟା ଓ ରସାୟନ ବିଦ୍ୟା ଶିଖିବାର ଇଚ୍ଛା ପଛରେ ପ୍ରଭୁ କ'ଣ ଆପଣଙ୍କର ହାତ ନାହିଁ କି? ଏହାଶୁଣି ଶ୍ରୀକୃଷ୍ଣ ହସିଦେଲେ। ପୁଣି ସେ କହିଲେ ଦେବର୍ଷି! ଏବେ ଆପଣଙ୍କୁ ଓ ରତିଙ୍କୁ ଭାନାମତୀଙ୍କୁ ଯାଇ ଭେଟିବାକୁ ହେବ। ଭାନାମତୀକୁ ତା'ର ପୂର୍ବ ଜନ୍ମ କଥା ମନେ ପକାଇଦେଲେ ସେ ତାଙ୍କର ସବୁକିଛି ଫେରିପାଇବେ। ଋଷି ସଦାନନ୍ଦଙ୍କ ଅଭିଶାପରୁ ମୁକ୍ତି ପାଇବେ ଏବଂ ପ୍ରଦ୍ୟୁମ୍ନଙ୍କୁ ଯୁବାବସ୍ଥା ପ୍ରଦାନ କରିବେ।

ଏହାପରେ ଶ୍ରୀକୃଷ୍ଣ ଦେବୀ ରତିଙ୍କୁ କହିଲେ ଆପଣଙ୍କ କାର୍ଯ୍ୟ ହେଉଛି ପ୍ରଦ୍ୟୁମ୍ନକୁ ଏହାକହିବାକୁ ହେବ ଯେ, ସେ ହେଉଛନ୍ତି କାମଦେବ। ସମ୍ବରାସୁରର ଗୁରୁଦେବଙ୍କୁ ଜଣା ପଡ଼ିଗଲାଣି ଯେ, ପ୍ରଦ୍ୟୁମ୍ନ ହେଉଛି ମହାରାଜାଙ୍କର ମୃତ୍ୟୁଦାତା। ତେଣୁ ସେ ପ୍ରଦ୍ୟୁମ୍ନଙ୍କୁ ମାରିବା ପାଇଁ ପ୍ରୟାସ କରିବେ। ତାଙ୍କ ପ୍ରୟାସକୁ ବିଫଳ କରିବା ପାଇଁ ଭାନାମତୀଙ୍କୁ ପୂର୍ବଜନ୍ମ କଥା ସ୍ମରଣ କରାଇବା ଆବଶ୍ୟକ। ଏହାଶୁଣି ଦେବୀ ରତି କହିଲେ ଆମକୁ ଅତିଶୀଘ୍ର ଭାନାମତୀଙ୍କୁ ଭେଟିବାକୁ ପଡ଼ିବ। ଏପରି କହି ଦେବର୍ଷି ନାରଦ ଓ ଦେବୀ ରତି ସେଠାରୁ ଚାଲିଗଲେ।



ଏପଟେ ଭାନାମତୀ ଝୁଲାରେ ପ୍ରଦ୍ୟୁମ୍ନକୁ ଶୁଆଉଥିଲେ ସେହି ସମୟରେ ନାରଦମୁନି ଓ ଦେବୀ ରତି ପ୍ରକଟ ହେଲେ। ଏହାଦେଖି ଭାନାମତୀ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ପ୍ରଣାମ କଲେ। ଦେବର୍ଷି ତାଙ୍କୁ ସୌଭାଗ୍ୟବତୀ ଭବଃ କହିବା ପରେ ରତି ଦେବୀଙ୍କ ପରିଚୟ କରାଇଲେ।

ଭାନାମତୀ କହିଲେ ଆପଣ ମୋ କୁଡ଼ିଆକୁ ଆସିଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ ହେଲେ ହଠାତ୍ ଆଜି ଆପଣଙ୍କ ଦର୍ଶନ? ନାରଦମୁନି କହିଲେ ଅସୁର ଶ୍ରେଷ୍ଠ ସମ୍ବରାସୁରଙ୍କଠାରୁ ଜାଣିଲି ଆପଣ ଭୋଜନ ବହୁତ ସ୍ୱାଦିଷ୍ଟ କରୁଛନ୍ତି। ତେଣୁ ଭାବିଲୁ ଆମେ ଆପଣଙ୍କ ଆତିଥ୍ୟର ଆନନ୍ଦ ଉଠାଇବା ପାଇଁ। ଏହାଶୁଣି ଭାନାମତୀ କହିଲେ ଆପଣମାନେ ଏଠାରେ ତୃପ୍ତି ହୋଇ ଯିବେ ଏହା ହେବ ମୋର ପରମ ସୌଭାଗ୍ୟ। ରତି କହିଲେ ଏତେ କଷ୍ଟ ଉଠାଇବାର ଆବଶ୍ୟକତା ନାହିଁ। ଏହାପରେ ପ୍ରଦ୍ୟୁମ୍ନ ପାଖକୁ ଯାଇ କହିଲେ ମୁଁ ତୁମର ପୁତ୍ରକୁ ଦେଖିବା ପରେ ଧନ୍ୟ ହୋଇଗଲି। ବହୁତ ସୁନ୍ଦର! ଦେଖିବା ପରେ ଲାଗୁଛି ଏହି ବାଳକ କୌଣସି ଈଶ୍ୱରୀୟ ଅଂଶ।

## କାଳୀୟ ଦଳନ

ଦିନେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀ କୂଳରେ ପହଞ୍ଚିଲେ । ତାଙ୍କ ସହିତ ବଳରାମ ନଥିଲେ । ଯମୁନା ନଦୀର ଜଳ କାଳୀୟ ନାଗର ବିଷ ଦ୍ୱାରା ନୀଳ ପଡ଼ିଯାଇଥିଲା । ସେଦିନ ପ୍ରବଳ ଗରମ ହେଉଥିଲା। ଗୋପବାଳକ ଓ ଗାଈଗୋରୁ ଶୋଷରେ ଆଉଟୁପାଉଟୁ ହେଉଥିଲେ । ଆଗପଛ ବିଚାର ନକରି ସମସ୍ତେ ଯମୁନା ନଦୀ ଜଳ ପିଇଗଲେ। ହେଲେ ବିଷ ପ୍ରଭାବରୁ ସମସ୍ତେ ପ୍ରାଣ ହରାଇଲେ । ଶ୍ରୀକୃଷ୍ଣ ଏସବୁ ଦୃଶ୍ୟ ଦେଖୁଥିଲେ । ସେ ତତ୍କ୍ଷଣାତ ସମସ୍ତଙ୍କୁ ବଞ୍ଚାଇଦେଲେ । ଏହାପରେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀର ଜଳକୁ ବିଷମୁକ୍ତ କରିବାକୁ ଚେଷ୍ଟା କଲେ । ଅଣ୍ଟାରେ ଗାମୁଛା ବାନ୍ଧି ସେ କଦମ୍ବ ଗଛକୁ ଚଢ଼ିଗଲେ ଏବଂ ସେଠାରୁ ଯମୁନା ନଦୀକୁ ଡେଇଁ ପଡ଼ିଲେ । ପାଣିରେ ସେ ଖେଳିବାକୁ ଲାଗିଲେ । ହାତ ଆଞ୍ଜୁଳିରେ ଯମୁନା ଜଳ ଫିଙ୍ଗିବାକୁ ଲାଗିଲେ । ଯମୁନା ନଦୀରେ ବଡ଼ ବଡ଼ ଢେଉ ଉଠିଲା । କାଳୀୟ ନାଗ ଏହି ଆଭାସ ପାଇଲା । ସେ କ୍ରୋଧିତ ହୋଇପଡ଼ିଲା ଓ ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଆସି



ଉଭା ହେଲା । ସେ ଦେଖିଲା ଯେ କୃଷ୍ଣବର୍ଣ୍ଣର ଏକ ସୁନ୍ଦର ବାଳକ ଯମୁନା ଜଳରେ ଖେଳୁଛି । କାଳୀୟନାଗ ଲାଙ୍ଗୁଡ଼ରେ କୃଷ୍ଣଙ୍କୁ ଗୁଡ଼ାଇ ଚାପିଦେଲା । କୃଷ୍ଣଙ୍କୁ ଏଭଳି ସ୍ଥିତିରେ ଦେଖି ଅନ୍ୟ ଗୋପବାଳକ ଓ ଗୋରୁଗାଈ ଭୟଭୀତ ହୋଇପଡ଼ିଲେ । ମାତ୍ର ପରକ୍ଷଣରେ ଶ୍ରୀକୃଷ୍ଣ ନିଜକୁ ନାଗ କବଳରୁ ଛଡ଼ାଇନେଲେ। ଏହାପରେ କୃଷ୍ଣ ଓ ନାଗ ମଧ୍ୟରେ ଛକାପଞ୍ଝା ଲାଗି ରହିଲା। ଶେଷରେ ଶ୍ରୀକୃଷ୍ଣ କାଳୀୟ ନାଗର ଫଣା ଉପରକୁ ଚଢ଼ିଗଲେ ଏବଂ ନାଚିବାକୁ ଲାଗିଲେ। ଦୀର୍ଘ ସମୟ ଧରି ସେ ବଂଶୀ ବଜାଇ ନାଚିବା ଜାରି ରଖିଲେ। ଭଗବାନଙ୍କୁ ନାଚୁଥିବାର ଦେଖି ଦେବତା, ଯକ୍ଷ, ଗନ୍ଧର୍ବ ଆନନ୍ଦିତ ହୋଇ ମୃଦଙ୍ଗ ବଜାଇବାକୁ ଲାଗିଲେ । ସମଗ୍ର ସ୍ୱର୍ଗପୁରୀ ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଏହି ଲୀଳା ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇଉଠିଲା। ଶ୍ରୀକୃଷ୍ଣଙ୍କ ପାଦର ଭାର ସହିନପାରି କାଳୀୟ ନାଗ ରକ୍ତବାନ୍ତି କରିପକାଇଲା । ନାଗର ପତ୍ନୀ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ପ୍ରକଟ ହୋଇ କ୍ଷମା ପ୍ରାର୍ଥନା କଲା। ହେ ଭଗବାନ! ଦୁଷ୍ଟମାନଙ୍କର ସଂହାର ପାଇଁ ଆପଣ ଅବତାର ନେଇଛନ୍ତି । ଆପଣଙ୍କ ଶୌର୍ଯ୍ୟ ଦେଖି ଆମେ ମଧ୍ୟ ନିଜ ଭୁଲ୍ ବୁଝିପାରିଛୁ । କାଳୀୟ ନାଗ ଆପଣଙ୍କ ଚାପ ସହିବାରେ ଅସମର୍ଥ । ଦୟାକରି ତା'କୁ କ୍ଷମା ଦିଅନ୍ତୁ । ଦୟାଳୁ ଭଗବାନ କାଳୀୟ ନାଗକୁ ଛାଡ଼ିଦେଲେ। ତେଣୁ ସେ ଭଗବାନଙ୍କୁ ପ୍ରାର୍ଥନା କରି କହିଲା, ହେ ପରମେଶ୍ୱର! ଆପଣଙ୍କ ସୃଷ୍ଟିରେ ଆମେ ସର୍ପଗଣ ତମୋଗୁଣର ପ୍ରତିନିଧିତ୍ୱ କରିଥାଉ । ତେଣୁ ହେ ଭଗବାନ! ମୁଁ ଆପଣଙ୍କ ମାୟା ଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ିଯାଇଛି । ଦୟାକରି ମୋର ତ୍ରୁଟି ମାର୍ଜନା କରନ୍ତୁ । ଏହାପରେ ଭଗବାନ କାଳୀୟକୁ କ୍ଷମାଦାନ କଲେ। କାଳୀୟ ନାଗ ସବୁଦିନ ପାଇଁ ଯମୁନା ନଦୀ ତ୍ୟାଗ କରି ରମନକଦ୍ୱୀପରେ ରହିବାକୁ ଚାଲିଗଲା। ସେବେଠାରୁ ଯମୁନା ଜଳ ବିଷ ପ୍ରଭାବରୁ ମୁକ୍ତ ହୋଇଗଲା।

## କ୍ୟାଲସିୟମ ଅଭାବ: ବହୁ ସ୍ୱାସ୍ଥ୍ୟ ସମସ୍ୟାର କାରଣ

କ୍ୟାଲସିୟମ ଶରୀର ପାଇଁ ଖୁବ ଆବଶ୍ୟକ। ଏହା ହାଡ଼କୁ ମଜଭୂତ କରିଥାଏ। ଏହାସହ ଏହା ପିଲାଙ୍କୁ ଶାରିରୀକ ବିକାଶରେ, ମାଂସପେଶୀକୁ ମଜଭୁତ କରିବାରେ ବେଶ



ସହାୟକ ହୋଇଥାଏ। ଶରୀରରେ କ୍ୟାଲସିୟମର ଅଭାବ ହେଲେ ହାଡ଼ ଦୁର୍ବଳ ହୋଇଯାଏ। ନଖ ମଧ୍ୟ ଦୁର୍ବଳ ହୋଇଥାଏ। ଏହାସହ କ୍ୟାଲସିୟମ ଅଭାବରୁ ସ୍ୱାସ୍ଥ୍ୟ ଜନିତ ବହୁ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ନିୟମିତ ନିଜ ଖାଦ୍ୟରେ କ୍ୟାଲସିୟମ ସାମିଲ କରିବା ନିତ୍ୟାନ୍ତ ଆବଶ୍ୟକ। ଯଦି ଆପଣଙ୍କ ଶରୀରରେ କ୍ୟାଲସିୟମର ଅଭାବ ହେଉଥାଏ, ତେବେ ଏହି ଖାଦ୍ୟକୁ ନିଜ ଦୈନନ୍ଦିନ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ।

ଅଁଳା: ଅଁଳାରେ ଭରପୁର ମାତ୍ରାରେ କ୍ୟାଲସିୟମ ରହିଛି। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟର ଗୁଣ ମଧ୍ୟ ରହିଛି। ଯାହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇଥାଏ।

କିୱି: କିୱିରେ ମଧ୍ୟ ଭରପୁର ମାତ୍ରାରେ କ୍ୟାଲସିୟମ ରହିଛି। ଏଥିରେ ଭିଟାମିନ ସି ମଧ୍ୟ ମିଳିଥାଏ। ତେଣୁ ଏହାର ସେବନରେ କ୍ୟାଲସିୟମର ଅଭାବ ଦୂର ହୋଇଥାଏ। କମଳାରେ ମଧ୍ୟ କ୍ୟାଲସିୟମ ବହୁ ମାତ୍ରାରେ ରହିଛି। ଏହାସହ ଏଥିରେ ଭିଟାମିନ ସି ମଧ୍ୟ ରହିଛି।

ଡ୍ରାଏ ଫ୍ରୁଟ୍ସ: ଏହା ଶରୀରର ସମସ୍ତ କ୍ୟାଲସିୟମ ଅଭାବକୁ ଦୂର କରିଥାଏ। ବାଦାମ, ପିସ୍ତା, ଅଖରୋଟ, ତରଭୂଜ ମଞ୍ଜିରେ କ୍ୟାଲସିୟମ ରହିଛି। ଏହାଛଡ଼ା ଜୁଆଣି, ଜିର. ହେଙ୍ଗୁ, ଲବଙ୍ଗ, ଧନିଆ, ଗୋଲମରିଚରେ ମଧ୍ୟ କ୍ୟାଲସିୟମ ରହିଛି।

ସବୁଜ ପନିପରିବା - ସବୁପନିପରିବାରେ ମଧ୍ୟ ଭରପୁର ମାତ୍ରାରେ କ୍ୟାଲସିୟମ ରହିଛି। ବନ୍ଧାକୋବି, ବିଭିନ୍ନ ଶାଗ, ମେଥି ପତ୍ର, ପୁଦିନା, ଧନିଆ, କାକୁଡ଼ି, ଗାଜର, ଭେଣ୍ଡି ମଧ୍ୟ ସାମିଲ କରନ୍ତୁ।

# ୭,୧୩୪ କୋଚ୍ ତିଆରି କରି ଭାରତୀୟ ରେଳବାଇ ନୂତନ ରେକର୍ଡ ସ୍ଥାପନ କରିଛି

ଭୁବନେଶ୍ୱର,୪।୪(ମହାଭାରତ): ଭାରତୀୟ ରେଳବାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୭,୧୩୪ଟି କୋଚ୍ ନିର୍ମାଣ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଂଖ୍ୟା ଗତ ବର୍ଷ ୬,୫୪୧ କୋଚ୍ ଉତ୍ପାଦନ ତୁଳନାରେ ପ୍ରାୟ ୯ ପ୍ରତିଶତ ଅଧିକ।ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି, ଅଣ-ବାତାନୁକୂଳିତ ନିୟନ୍ତ୍ରିତ କୋଚ୍ ଉତ୍ପାଦନକୁ ପ୍ରୋତ୍ସାହିତ କରାଯାଉଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଗତ ଆର୍ଥିକ ବର୍ଷରେ ୪,୬୦୧ଟି ନନ୍-ଏସି କୋଚ୍ ଉତ୍ପାଦନ କରାଯାଇଥିଲା ।ଏହି ଐତିହାସିକ ସଫଳତା ଭାରତୀୟ ରେଳବାଇର ଉତ୍ପାଦନ କ୍ଷମତାରେ ନିରନ୍ତର ବୃଦ୍ଧିକୁ ପ୍ରତିଫଳିତ କରେ, ଯାହା ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଯାତ୍ରୀଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ ପାଇଁ କରାଯାଉଥିବା ପ୍ରୟାସର ପରିଣାମ। ଏହା ରେଳ ସେବାକୁ ଅଧିକ ସୁବିଧାଜନକ, ନିରାପଦ ଏବଂ ଦକ୍ଷ କରିବ ଯ ଯାହା ଦ୍ୱାରା ଯାତ୍ରୀମାନେ ଏକ ଉତ୍ତମ



ଯାତ୍ରା ଅଭିଜ୍ଞତା ପାଇବେ।

ଭାରତୀୟ ରେଳବାଇର ତିନୋଟି କୋଚ୍ ନିର୍ମାଣ ୟୁନିଟ୍ ଅଛି ।ଏଥିରେ ତାମିଲନାଡୁର ଚେନ୍ନାଇରେ ଥିବା ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ), ପଞ୍ଜାବର କପୁରଥଲାରେ ଥିବା ରେଳ କୋଚ୍ ଫ୍ୟାକ୍ଟ୍ରି (ଆରସିଏଫ) ଏବଂ ଉତ୍ତର ପ୍ରଦେଶର ରାୟବରେଲିରେ ଥିବା ମଡର୍ଣ୍ଣ କୋଚ୍ ଫ୍ୟାକ୍ଟ୍ରି (ଏମସିଏଫ) ଅନ୍ତର୍ଭୁକ୍ତ। ଚେନ୍ନାଇ ସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୪-୨୫ ବର୍ଷରେ ୩,୦୦୭ କୋଚ୍ ଉତ୍ପାଦନ କରିଛି, ଯାହା ପୂର୍ବ ଉତ୍ପାଦନ ରେକର୍ଡ ଭାଙ୍ଗିଛି ।

କୋଚ ନିର୍ମାଣ କ୍ଷେତ୍ରରେ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୨୮୨୯ କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ଆହୁରି ୧୭୮ ଟି କୋଚ ନିର୍ମାଣ ବୃଦ୍ଧି କରାଇ ୩,୦୦୭ କୋଚ୍ ଉତ୍ପାଦନ କରିଛି। ସେହିଭଳି ଆରସିଏଫ କପୁରଥଲା ୨୦୨୩-୨୪ ବର୍ଷରେ ୧୯୦୧ କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୧୦୨ ଟି କୋଚ ନିର୍ମାଣ କରିଛି ଯାହାକି ପୂର୍ବ ବର୍ଷ ଠାରୁ ୨୦୧ ଟି ଅଧିକ। ରାୟବରେଲିର ମଡର୍ଣ୍ଣ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୧୬୮୪ ଟି କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୦୨୫ ଟି କୋଚ ନିର୍ମାଣ କରିଛି ଯାହାକି ପୂର୍ବ ବର୍ଷ ଠାରୁ ୩୪୧ ଟି ଅଧିକ ।

ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ରେଳବାଇ କୋଚ୍ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୦୪ ରୁ ୨୦୧୪ ମଧ୍ୟରେ ପ୍ରତିବର୍ଷ ହାରାହାରି ପ୍ରାୟ ୩,୩୦୦ କୋଚ୍ ଥିଲା। ଯେତେବେଳେ ୨୦୧୪ ରୁ ୨୦୨୪ ମଧ୍ୟରେ, କୋଚ୍ ଉତ୍ପାଦନ ସଂଖ୍ୟା ୫୪,୮୦୯ ରେ ପହଞ୍ଚିଛି ଯାହା ଏକ ରେକର୍ଡ ବୃଦ୍ଧି ପାଇଛି, ହାରାହାରି ୫,୪୮୧ କୋଚ୍ ସହିତ। କୋଚ୍ ନିର୍ମାଣ କ୍ଷେତ୍ରରେ ଏହି ଅଭିବୃଦ୍ଧି ଭାରତୀୟ ରେଳବାଇକୁ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ନିର୍ଣ୍ଣାୟକ । ଏହା ଘରୋଇ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବ, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ରେଳ ଭିତ୍ତିଭୂମିରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଲକ୍ଷ୍ୟ ରଖିଛି। ରେଳ କୋଚ୍ ନିର୍ମାଣରେ ଭାରତୀୟ ରେଳବାଇର ଏହି ସଫଳତା 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଏକ ନୂତନ ପରିମାଣ ପ୍ରଦାନ କରୁଛି । ଏହା ବିଶ୍ୱ ସ୍ତରରେ ଭାରତକୁ ଏକ ଅଗ୍ରଣୀ ଦେଶ ଭାବରେ ମଧ୍ୟ ପ୍ରତିଷ୍ଠା କରୁଛି। କୋଚ୍ ଉତ୍ପାଦନରେ ଭାରତୀୟ ରେଳବାଇର ସଫଳତା 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପର ଏକ ଅଂଶ ଯାହା ରେଳ ପରିବହନ ବ୍ୟବସ୍ଥାକୁ ଅଧିକ ଦକ୍ଷ କରିବା ପାଇଁ ପ୍ରତିବଦ୍ଧ। ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଆଧୁନିକ କୋଚ୍ ଯାତ୍ରୀମାନଙ୍କୁ ଅଧିକ ଆରାମ, ଅଧିକ ସ୍ଥାନ ଏବଂ ଅତ୍ୟାଧୁନିକ ସୁବିଧା ପ୍ରଦାନ କରିବ। ଏହା ଯାତ୍ରା ଅଭିଜ୍ଞତାକୁ ଅଧିକ ଆରାମଦାୟକ କରୁଛି। ଏହା ସହିତ, ଅଧିକ ଉତ୍ପାଦନ କ୍ଷମତା ହେତୁ ଟ୍ରେନ ସଂଖ୍ୟା ବୃଦ୍ଧି ପାଉଛି।

# ୪୦ ଇ-ବସ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୪।୪ (ମହାଭାରତ) :** 'ଆମ ବସ' ଯୋଜନାରେ ପୁଣି ଯୋଡ଼ି ହୋଇଛି ୪୦ଟି ଇ-ବସ୍। ଏବେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲରୁ କଟକର ଏସସିବି ମେଡିକାଲକୁ ଆମ ବସ୍ ଗଡ଼ିବ। ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ 'ଆମ ବସ୍' ର ନୂଆ ରୁଟ୍। ଆଉ ଯାତାୟତ ପାଇଁ ହନ୍ତସନ୍ତ ହେବେନି ରୋଗୀଙ୍କ ପରିବାର। ଏହି ରୁଟ୍ ସମେତ ଅନ୍ୟ ନୂଆ ରୁଟରେ ମଧ୍ୟ ଇ-ବସ୍ ଚାଲିବ।



ଭୁବନେଶ୍ୱର ଗାଡ଼କଣସ୍ଥିତ ଆମ ବସ୍ ଡିପୋରେ ୪୦ଟି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନୂଆ। ଇ-ବସର ଉଦଘାଟନ କରିଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କ ଯାତାୟତର ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ୪୦ଟି ନୂତନ ଇ-ବସର ଶୁଭାରମ୍ଭ କରିଛନ୍ତି। ଏହି ସେବାର ଶୁଭାରମ୍ଭ ଭିଜନ୍ ବିକଶିତ ଓଡ଼ିଶା ଏବଂ ସବୁଜ ସହର ନିର୍ମାଣର ଏକ ପ୍ରଧାନ ଅଂଶ। ଏନେଇ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ରାଜ୍ୟର ୮ଟି ସହରରେ ଆମ ବସ୍ ସେବା ଆରମ୍ଭ ହେବ ଏବଂ କେନ୍ଦ୍ର ସରକାର ଓଡିଶାକୁ ୪୦୦ ଇ-ବସ୍ ଯୋଗାଇବେ। ତେବେ ବସ୍ ଦୁର୍ଘଟଣା କମାଇବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଆମ ବସ୍ ଭିତରେ ଦୁଇଟି ସିସିଟିଭି କ୍ୟାମେରା ବି ଲଗାଯାଇଥିବା କଥା କହିଛନ୍ତି ମନ୍ତ୍ରୀ।

# କଂଗ୍ରେସର ରାଜ୍ୟବ୍ୟାପୀ ମଶାଲ ଶୋଭାଯାତ୍ରା

**ଭୁବନେଶ୍ୱର,୪।୪(ମହାଭାରତ) :** ଓଡ଼ିଶାରେ ରାଜନୈତିକ ଉତ୍ତେଜନା ଦିନକୁ ଦିନ ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସ ଏକ ଜୋରଦାର ଘୋଷଣା କରି ରାଜ୍ୟବ୍ୟାପୀ ଆନ୍ଦୋଳନର ସଙ୍କେତ ଦେଇଛନ୍ତି। ସମ୍ପ୍ରତି କଳାହାଣ୍ଡି ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କଂଗ୍ରେସ କର୍ମୀମାନଙ୍କୁ ପୋଲିସ ଅଟକାଇବା ଘଟଣାକୁ ନେଇ ସେ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ଘଟଣାକୁ ନେଇ ଭକ୍ତ କହିଛନ୍ତି,ପୋଲିସ ବିଭାଗ ଏବଂ ଡିଜିପି ରାଜନୈତିକ କର୍ମୀ ଭଳି କାମ କରୁଛନ୍ତି। ଏହାକୁ ସେ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବୋଲି ଅଭିହିତ କରିଛନ୍ତି।

ପ୍ରେସମିଟ୍ରେ ଭକ୍ତ ପୁଣି ଆନ୍ଦୋଳନ ଡାକରା ଦେଇଛନ୍ତିଯ ସେ ଘୋଷଣା କରି କହିଛନ୍ତି, ଆଗାମୀ ଦିନରେ ଆମେ ୧୦ ଗୁଣ ଶକ୍ତି ସହ ବିଧାନସଭା ଘେରାଉ କରିବୁ। ଆମେ ସାରା ଓଡ଼ିଶାକୁ ପାଦରେ ଚାଲି ଜନସାଧାରଣଙ୍କ ସହ ସଂଯୋଗ ସ୍ଥାପନ କରିବୁ। ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନ ନେଇ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି। ଏପ୍ରିଲ ୧୫ରେ ରାଜ୍ୟବ୍ୟାପୀ କଂଗ୍ରେସର ମଶାଲ ଶୋଭାଯାତ୍ରା ହେବ। ସମସ୍ତ ବ୍ଲକ ମୁଖ୍ୟାଳୟରେ ଶୋଭାଯାତ୍ରା କରିବ କଂଗ୍ରେସ। ସେହିପରି ଏପ୍ରିଲ ୨୧ରେ ଜିଲ୍ଲାପାଳ ଅଫିସ ଘେରାଉ କରିବ କଂଗ୍ରେସ। ନାରୀ ନିର୍ଯାତନା ପ୍ରସଙ୍ଗରେ ଶୋଭାଯାତ୍ରା କରିବ ବୋଲି ଭକ୍ତ କହିଛନ୍ତି। ଭକ୍ତଙ୍କ ଏହି ବୟାନ ରାଜ୍ୟ ରାଜନୀତିରେ ନୂଆ। ବିବାଦ ସୃଷ୍ଟି କରିଛି ଏବଂ କଂଗ୍ରେସ ଦଳର ଆଗାମୀ ରଣନୀତି ଉପରେ ସମସ୍ତଙ୍କ ନଜର ରହିଛି। ପିସିସି ସଭାପତିଙ୍କ ଏହି ଘୋଷଣା ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ଗଠନ କରିବାର ଏକ ପ୍ରୟାସ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସରକାର ବିରୋଧୀ ସ୍ୱରକୁ ଦବାଇବାକୁ ଚେଷ୍ଟା କରୁଛନ୍ତି, ଯାହାକୁ କଂଗ୍ରେସ କର୍ମୀମାନେ ସହ୍ୟ କରିବେ ନାହିଁ।ଏହା ସହିତ ସେ ଜନସାଧାରଣଙ୍କୁ ଏକଜୁଟ ହୋଇ ଅନ୍ୟାୟ ବିରୋଧରେ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି।

## ବିଜେଡ଼ି-ବିଜେପି ଏକାଠି : ତାରା

ଭୁବନେଶ୍ୱର, ୪।୪(ମହାଭାରତ) ବିଜେଡ଼ି-ବିଜେପି ଏକାଠି ହୋଇ ସବୁ ବିଲ ପାରିତ କରିଲେ। ଗଣତନ୍ତ୍ରକୁ ହତ୍ୟା କରାଯାଇ କଂଗ୍ରେସକୁ ବେଆଇନ ଭାବେ ଗୃହରୁ ବାହାରେ ରଖାଗଲା। ବିଜେଡ଼ି ବିଲ ପାରିତ ହେବାରେ ବିଜେପିକୁ ସାହାଯ୍ୟ ଦେଲା ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ସେ କହିଛନ୍ତି ଯେ ଓଡ଼ିଶାର ନିର୍ଯାତିତା ମହିଳାଙ୍କୁ ନେଇ ଦୁଇଟି ଦଳର ଆଭିମୁଖ୍ୟ ସ୍ପଷ୍ଟ ହୋଇଯାଇଛି। ଏପରିକି ଉଚ୍ଚଶିକ୍ଷା ବିଲ ପାରିତ ହେବାପାଇଁ ବିଜେଡ଼ି ବିଜେପିକୁ ବିଧାନସଭାରେ ସାରା ରାତି ସମର୍ଥନ ଦେଲା। ନାବାଳିକା ପିଲାମାନେ ଗର୍ଭବତୀ ହୋଇପଡୁଛନ୍ତି। ତା'ର ପ୍ରତିକାର ପାଇଁ କଂଗ୍ରେସ ଦାବି କରିବାରୁ ବିଜେପି ବିଧାୟକ ମାନେ କଂଗ୍ରେସ ବିଧାୟକ ମାନଙ୍କୁ ଶାରୀରିକ ଆକ୍ରମଣ କଲେ। କଂଗ୍ରେସ ହ୍ୱିପ ଶ୍ରୀ ରାଜନ ଏକା କହିଛନ୍ତି ଯେ କଂଗ୍ରେସ ବିଧାୟକମାନେ ବିଧାନସଭାରେ ମହିଳାମାନଙ୍କୁ ନ୍ୟାୟ ଦେବାପାଇଁ ଯେଉଁ ଦାବି ରଖୁଲେ ତାହା ଓଡ଼ିଶାର ୨ କୋଟି ୨୦ଲକ୍ଷ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ।

# ବିଡିଏର ସମ୍ପ୍ରସାରଣ ଓ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର,୪।୪(ମହାଭାରତ) : ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୦ତମ କର୍ତ୍ତୃପକ୍ଷ ବୈଠକ ଗୁରୁବାର ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଡିଏ ଅଧକ୍ଷ ତଥା ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆକଳନ ତଥା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ବଜେଟ ଆକଳନ ଉପସ୍ଥାପିତ ହୋଇଥିଲା ତେବେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସମୁଦାୟ ୧,୫୩୬.୦୮ କୋଟିର ବଜେଟକୁ ଅନୁମୋଦନ କରାଯାଇଥିବା ବେଳେ ବିଶେଷ କରି ସହରର ସମ୍ପ୍ରସାରଣ ଏବଂ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି।

ବିଡିଏ ପକ୍ଷରୁ ସହର ସମ୍ପ୍ରସାରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଏନେଇ ସମୁଦାୟ ୧୪୩ ନୂତନ ରାଜସ୍ୱ ଗ୍ରାମକୁ ବିଡିଏ ସହ ସାମିଲ କରିବା ନେଇ ଅନୁମୋଦନ ମିଳିଛି। ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲଚନା ଦାସ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ମହାନ୍ତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଡିଏ ଉପାଧ୍ୟକ୍ଷ ଡା .ଏନ୍ ତିରୁମାଲା ନାୟକ, ବିଡିଏ ସଚିବ ମାନସ ରଞ୍ଜନ ପାଢୀଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ରହି ସମ୍ପୃକ୍ତ ବିଷୟରେ ବିଷଦ ଆଲୋଚନା କରିଥିଲେ।



ବର୍ତ୍ତମାନ ବିଡିଏ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଖୋର୍ଦ୍ଧା ପୌର ପରିଷଦ, ଜଟଣୀ ପୌର ପରିଷଦ, ଏବଂ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଆଦି ଚାରିଗୋଟି ସହରାଞ୍ଚଳ ସହ ନିକଟବର୍ତ୍ତୀ ଗ୍ରାମ ପଞ୍ଚାୟତ ଅଞ୍ଚଳଗୁଡ଼ିକର ତଦାରଖ କରୁଛି। ତେବେ ଏହି ସହର ସମ୍ପ୍ରସାରଣ ଯୋଜନାବଦ୍ଧ ବିକାଶକୁ ପ୍ରୋତ୍ସାହନ କରିବା, ଭିତ୍ତିଭୂମିର ଉନ୍ନତି ତଥା ଦ୍ରୁତ ସହରୀକରଣରେ ବାଧକ ସାଜୁଥିବା ସମସ୍ୟାର ସମାଧାନ କରିବ ବୋଲି ବୈଠକରେ ଅଧିକାରୀମାନେ ଗୁରୁତ୍ୱ ଦେଇଛନ୍ତି। ୧୯୮୩ରେ ମାତ୍ର ୧୧୬ଟି ରାଜସ୍ୱ ଗ୍ରାମକୁ ନେଇ ବିଡିଏର ସହର ବିକାଶ ଚିନ୍ତାଧାରା ଆରମ୍ଭ ହୋଇଥିଲା । ପରେ ୨୦୦୨, ୨୦୦୩ ଏବଂ ୨୦୧୧ରେ ଏହାର କଳେବରକୁ ସମ୍ପ୍ରସାରଣ କରାଯାଇଛି । ତେବେ ଏହି ନୂତନ ଯୋଜନାବଦ୍ଧ ସହର ସମ୍ପ୍ରସାରଣ ଯୋଜନା ସହର ସହ ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ ଦେବା ସହ ଭିତ୍ତିଭୂମି ବିକାଶରେ ସହାୟକ ହେବ । ଏହି ନୂତନ ଗ୍ରାମଗୁଡ଼ିକ ମିଶିବା ପରେ ବିଡିଏ ଅଧିକାର କ୍ଷେତ୍ରରେ ଥିବା ମୋଟ ଗ୍ରାମ ସଂଖ୍ୟା ୫୬୯ରୁ ବୃଦ୍ଧି ପାଇ ୭୧୨କୁ ପହଞ୍ଚିବ। କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଏହି ପ୍ରସ୍ତାବ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ , ୧୯୮୨ର ଧାରା ୩ ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟକୁ ବିଚାର ଓ ଅନୁମୋଦନ ପାଇଁ ପଠାଯିବ। ଏହା ସହିତ, ବିଡିଏର ରାଜସ୍ୱ ସୃଷ୍ଟି କରିବା ଲାଗି କର୍ତ୍ତୃପକ୍ଷ ଜମି ମୁଦ୍ରୀକରଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଉଦ୍ୟମକୁ ସମର୍ଥନ କରିବା ପାଇଁ ଅନେକ ଜମି ଖଣ୍ଡକୁ ନିଲାମ ପାଇଁ ଚିହ୍ନଟ କରାଯାଇଛି। ସେହିପରି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଗୃହ ନିର୍ମାଣ ଓ ବାଣିଜ୍ୟିକ ବିକାଶ ଯୋଜନାରେ ଚନ୍ଦ୍ରଶେଖରପୁର, ଖୋର୍ଦ୍ଧାର ଜଗସାରା ଓ ସାନପଲ୍ଲୀରେ ଗୃହ ନିର୍ମାଣ ପ୍ରକଳ୍ପ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏହା ସହିତ, ପଟିଆରେ ବାଣିଜ୍ୟିକ ସ୍ଥାନର ବିକାଶ କରାଯିବ। କର୍ତ୍ତୃପକ୍ଷ ମାଷ୍ଟର କ୍ୟାଣ୍ଟିନ୍ରେ ଭୁବନେଶ୍ୱର ଟାଉନ୍ ସେଣ୍ଟର (ବିଟିସି)କୁ ଏବଂ ବିଡିଏ ସିଟି ସେଣ୍ଟର, ଯାହା ନିକ୍କୋ ପାର୍କ ଭାବେ ଜଣାଶୁଣା , ତାହାର ବିକାଶକୁ ମଧ୍ୟ ଅନୁମୋଦନ କରିଛନ୍ତି।

ବିଡିଏ ସହର ମଧ୍ୟରେ ୨୪ଟି ( ସମନ୍ୱିତ ଉନ୍ନୟନ ଯୋଜନା) ସିଡିପି ରାସ୍ତା ବିକାଶ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି, ଯାହାର ପ୍ରସ୍ତାବ କର୍ତ୍ତୃପକ୍ଷ ବୈଠକରେ ଉପସ୍ଥାପନା ହୋଇଥିଲା। ଜୟଦେବ ବିହାରରୁ ଭାୟା ରଘୁନାଥପୁର ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା, ନୂଆ। ଭୁବନେଶ୍ୱର ରେଳ ଷ୍ଟେସନକୁ ଯିବା ଆପ୍ରୋଚ ରୋଡ଼, ଟିପି ସ୍କିମ-୮ ଦେଇ ଅତିକ୍ରମ କରୁଥିବା ନୂଆଗାଁ-କଟେନି ରୋଡ଼, ନ୍ୟୁ-ସିଟି ପାଇଁ ଚିହ୍ନଟ ହୋଇଥିବା ରାସ୍ତା, ଏବଂ ଚନ୍ଦକା-ଖଣ୍ଡଗିରି ରାସ୍ତାରୁ ପିତାପଲ୍ଲୀ-ବାରଙ୍ଗ ରାସ୍ତା, ଯାହା ଟିପି ଯୋଜନା ନମ୍ବର ୦୮ ଏବଂ ନ୍ୟୁ-ସିଟି ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳ ଦେଇ ମଧ୍ୟ ଗତି କରୁଥିବା ରାସ୍ତାଗୁଡ଼ିକ ରହିଛି।

# ଓଡ଼ିଆ ପକ୍ଷ ପାଳନ ପାଇଁ ସ୍ୱତନ୍ତ୍ର ୱେବସାଇଟ୍

ଭୁବନେଶ୍ୱର,୪।୪(ମହାଭାରତ): ଆମ ରାଜ୍ୟରେ ପ୍ରଥମ ଥର ପାଇଁ ଏପ୍ରିଲ ୧ ତାରିଖ ଠାରୁ ନେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବସାଇଟର ମଧ୍ୟ ନିର୍ମାଣ କରାଯାଇଛି।ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ଏଥିସହିତ ଏପ୍ରିଲ ୧ ତାରିଖ ଠାରୁ ନେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି।

ଏଥିସହିତ ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ଏକ କୁଇଜ୍ ମଧ୍ୟ ରଖାଯାଇଛି। ଏହି କୁଇଜ୍‌ରେ ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି। ସମସ୍ତ ପ୍ରତିଭାଗୀମାନେ କୁଇଜ୍‌ରେ ଅଂଶଗ୍ରହଣ କରି ନିଜର ଡିଜିଟାଲ୍ ପ୍ରମାଣପତ୍ର ମଧ୍ୟ ଡ଼ାଉନଲୋଡ୍ କରିପାରିବେ। ଏଥିସହିତ ନିଜ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ, ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସେଲ୍ଫି ମଧ୍ୟ ଏହି ଓଡ଼ିଆ ପକ୍ଷ ୱେବସାଇଟରେ ଅପଲୋଡ୍ କରିପାରିବେ।

ଆସନ୍ତୁ ସମସ୍ତେ ମିଳିମିଶି ଓଡ଼ିଆ ପକ୍ଷ ପାଳନ କରିବା। ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ଚାଲି ଚଳଣି, ଗାଥା ଗୌରବ ଓ ଆମ ପରମ୍ପରାକୁ ପୁନଶ୍ଚ ବିଶ୍ୱ ବିଦିତ କରାଇବା।

## ଗ୍ରାମ୍ୟ ନିର୍ମାଣ ଡିଭିଜନ୍ ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୪।୪(ମହାଭାରତ) ଲାଂଚ ନେବା ଅଭିଯୋଗରେ ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ ଡିଭିଜନ୍ ର ସହକାରୀ ଯନ୍ତ୍ରୀ ନରେଶ ଦାସଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗତକାଲି ଜଣେ ଠିକାଦାରଙ୍କଠୁ ବିଲ୍ କ୍ଲିୟର ପାଇଁ ଲକ୍ଷେ ଟଙ୍କା ଲାଂଚ ନେବାବେଳେ ଧରା ପଡ଼ିଥିଲେ ନରେଶ। ରେଡ୍ ବେଳେ ୩ ଲକ୍ଷ ୫୬ ହଜାର ଟଙ୍କା ଜବତ କରିଥିଲେ ଭିଜିଲାନ୍ସ ଅଧିକାରୀ।

# ଆଜିଠୁ ଲିଙ୍ଗରାଜ ମହୋତ୍ସବ ,ଯୋଗଦେବେ ୭୦୦ରୁ ଉର୍ଦ୍ଧ୍ୱ କଳାକାର

ଭୁବନେଶ୍ୱର,୪।୪(ମହାଭାରତ): ପ୍ରତିବର୍ଷ ପରି ଚଳିତବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୫ ତାରିଖ ଶନିବାର ଠାରୁ ୧୦ ତାରିଖ ଗୁରୁବାର ପର୍ଯ୍ୟନ୍ତ ୬ଦିନ ବ୍ୟାପୀ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏଥିରେ ୭୦୦ରୁ ଉର୍ଦ୍ଧ୍ୱ କଳାକାର ଯୋଗଦେବେ। ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ରଥଯାତ୍ରା ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଓ ସାଧାରଣ ସମ୍ପାଦକ ସନତ ମିଶ୍ର ସୂଚନା ଦେଇଛନ୍ତି।

ଗୁରୁବାର ଦିନ ପୁରୁଣା ଭୁବନେଶ୍ୱରସ୍ଥିତ ଭଜନ ମଣ୍ଡପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶ୍ରୀ ରାଉତରାୟ ଓ ସାଧାରଣ ସମ୍ପାଦକ ଶ୍ରୀ ମିଶ୍ର କହିଛନ୍ତି ଯେ, ଚଳିତବର୍ଷ ଅଧିକ ପଡ଼ୋଶୀ ରାଜ୍ୟ ଏବଂ ଓଡ଼ିଶାର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬ ଦିନ ବ୍ୟାପୀ ମହୋତ୍ସବ ପାଳନ କରାଯିବ। ୫ ତାରିଖରେ ତ୍ରିଧାରା ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ, ଶ୍ରୀ ଜଗନ୍ନାଥ ସଂସ୍କୃତି କଳା ନିକେତନ ଗଞ୍ଜାମର ଦେବଦାସୀ ନୃତ୍ୟ, ରାଜଜ୍ୟୋତି ଡ୍ୟାନ୍ସ ଗ୍ରୁପ୍ କୋଲକତାର କ୍ରିଏଟିଭ ଡ୍ୟାନ୍ସ, ଗୁରୁ ତାରକ ସାହା କୋଲକତାର ଗୌଡ଼ୀୟ ନୃତ୍ୟ ଓ ଇଷ୍ଟର୍ଣ୍ଣଜୋନ କଲଚରାଲ ସେ□ର ତରଫରୁ ପୁରୁଲିଆ ଛଉନୃତ୍ୟ, ୬ ତାରିଖରେ ପଦ୍ମଶ୍ରୀ ଇଲିଆନ ସୀତାରିଷ୍ଟି ଭୁବନେଶ୍ୱରଙ୍କ ଓଡ଼ିଶୀ ନୃତ୍ୟ, ବିଦୁଷୀ ଝୀନୁକ୍ ମୁଖାର୍ଜୀ କୋଲକତାଙ୍କ ଭାରତ ନାଟ୍ୟମ, ଶଙ୍କର ବାଇଙ୍କ ସମ୍ବଲପୁରୀ ନୃତ୍ୟ, ଇଷ୍ଟର୍ଣ୍ଣ ଜୋନ୍ କଲଚରାଲ ସେ□ର ପୁରୁଲିଆ ଛଉନୃତ୍ୟ, ତ୍ରିନେତ୍ର କଳାକୁଞ୍ଜର କାଳୀ ନୃତ୍ୟ ଓ ବୀଣାକେଶରୀଙ୍କ ପାଲିନୃତ୍ୟ, ୭ ତାରିଖରେ ଗୁରୁ ମନୋରଞ୍ଜନ ପ୍ରଧାନ ଭୁବନେଶ୍ୱରଙ୍କ ଓଡ଼ିଶୀ ନୃତ୍ୟ, ବିହାରସ୍ଥିତ ସାକର କଳାକିର୍ତ୍ତୀ (ଇଷ୍ଟର୍ଣ୍ଣ ଜୋନ୍ କଲଚରାଲ ସେ□ର)ଙ୍କ ଫୋକ୍ ନୃତ୍ୟ, ବଲାଙ୍ଗୀରସ୍ଥିତ ଶଙ୍କର ବେହେରାଙ୍କ ସମ୍ବଲପୁରୀ ନୃତ୍ୟ, ବିଦୁଷୀ ଝୀନୁକ୍ ମୁଖାର୍ଜୀ କୋଲକତାଙ୍କ କ୍ରିଏଟିଭ ଡ୍ୟାନ୍ସ ଓ ଛତିଶଗଡ଼ର ଝୁମର ନୃତ୍ୟ, ୮ ତାରିଖରେ ଗୁରୁ ପ୍ରତିଭା ପଣ୍ଡା ଭୁବନେଶ୍ୱରଙ୍କ ଓଡ଼ିଶୀ ନୃତ୍ୟ, ବିହାରସ୍ଥିତ ସାକର କଳାକିର୍ତ୍ତୀ (ଇଷ୍ଟର୍ଣ୍ଣ ଜୋନ୍ କଲଚରାଲ ସେ□ର)ଙ୍କ ଫୋକ୍‌ନୃତ୍ୟ, ଭିଲାଇସ୍ଥିତ ଚିତେଶ ବାବୁଙ୍କ ଡ୍ୟାନ୍ସ ଡ୍ରାମା, ଶାନ୍ତିନିକେତନର ମଣିପୁରୀ ନୃତ୍ୟ, ଶୁଭଶ୍ରୀ କଳାନିକେତନ ଭୁବନେଶ୍ୱରର ସମ୍ବଲପୁରୀ ନୃତ୍ୟ, ଓ କଟକସ୍ଥିତ ନୃତ୍ୟମ୍‌ର କ୍ରିଏଡ଼ିଭ ଡ୍ୟାନ୍ସ, ୯ ତାରିଖରେ ରାଞ୍ଚିସ୍ଥିତ ଗୁରୁ ସବିତା ମିଶ୍ରଙ୍କ ଓଡ଼ିଶୀ ନୃତ୍ୟ, ଆସାମସ୍ଥିତ ରୁପମ୍ ଶର୍ମାଙ୍କ ବିହୁ ନୃତ୍ୟ ହେବ।------------

# ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ : ଇରାଶୀଷ ଆଚାର୍ଯ୍ୟ

ଭୁବନେଶ୍ୱର,୪।୪(ମହାଭାରତ): ଦୀର୍ଘ ସମୟ ଧରି ବିଧାନସଭାରେ ଆଲୋଚନା ପରେ ପାରିତ ହୋଇଥିବା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ସେ କହିଛନ୍ତି ଯେ ସାଢେ ୧୨ ଘଂଟା ଆଲୋଚନା ପରେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ ପାରିତ ହୋଇଛି । କ୍ଲଜ ବାଏ କ୍ଲଜ ଆଲୋଚନା ବେଳେ ସବୁ ଉତ୍ତର ଉଚ୍ଚ ଶିକ୍ଷା ମନ୍ତ୍ରୀ ରଖିଛନ୍ତି । ଏହି ବିଲ ଶିକ୍ଷା କ୍ଷେତ୍ର ରେ ବୈପ୍ଳବିକ ପରିବର୍ତ୍ତନ ଆଣିବ.. ପୂର୍ବ ସରକାର ବିଶ୍ୱ ବିଦ୍ୟାଳୟ କ୍ଷମତା ସଂକୀର୍ଣ୍ଣ କରିଥିଲେ ଏବେ ତାହାକୁ ସ୍ୱାୟତ୍ତ କରାଯାଇଛି..ନୂଆ ବିଲ ଦ୍ୱାରା ସରକାରୀ ନିୟନ୍ତ୍ରଣ କମିବ ବୋଲି ସେ କହିଛନ୍ତି । ନୂଆ ବିଧାୟକ ଙ୍କୁ ବିଲ ବିଷୟ ରେ ବୁଝିବାକୁ ସୁଯୋଗ ମିଳିଛି. ଆମେ ରାତି ସାରା ଏଥିରେ ଭାଗ ନେଇଥିବାରୁ ଆମେ ଗର୍ବିତ ବୋଲି ସେ କହିଛନ୍ତି ।

# ଫିଲ୍ଡ ମାର୍ଶାଲ୍ ସାମ୍ ମାନେକ୍‌ଶଙ୍କ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର,୪।୪(ମହାଭାରତ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ଫିଲ୍ଡ ମାର୍ଶାଲ୍ ସାମ୍ ମାନେକ୍‌ଶଙ୍କ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି ।

ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, ଏକ ଅଦମ୍ୟ ଯୋଦ୍ଧା ଏବଂ ଭାରତୀୟ ସେନାର ଗୌରବମୟ ଅଧ୍ୟାୟ ରଚିଥିବା ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଫିଲ୍ଡ ମାର୍ଶାଲ୍ ସାମ୍ ମାନେକ୍‌ଶଙ୍କ ଜନ୍ମ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛି। ତାଙ୍କ ଅଭୁତ ନେତୃତ୍ୱ, ସାହସ ଏବଂ ସେନା ପ୍ରତି ଅତୁଟ ସମର୍ପଣ ଦେଶବାସୀଙ୍କ ପାଇଁ ସବୁବେଳେ ଏକ ଦୃଢ଼ ପ୍ରେରଣା ହୋଇ ରହିବ।

## ଜାତୀୟ ଶିକ୍ଷାନୀତିକୁ ପିସିସି ସଭାପତିଙ୍କ ନିନ୍ଦା

ଭୁବନେଶ୍ୱର,୪।୪(ମହାଭାରତ) ଭାରତର ଜାତୀୟ ଶିକ୍ଷାନୀତି-୨୦୨୦ ଆଇଏଏସ ଏବଂ ବିଜେପିର ବିଚାରଧାରାରେ ପ୍ରସ୍ତୁତ। ଏଥିପାଇଁ ଶିକ୍ଷାର ମାନ ୫୦ ବର୍ଷ ତଳକୁ ଖସିଯିବ ଓ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବ। ଏହାକୁ ପ୍ରସ୍ତୁତ କରିବାବେଳେ ବିଶିଷ୍ଟ ଶିକ୍ଷାବିତ ମାନଙ୍କ ସହିତ ଆଲୋଚନା କରାଯାଇ ନାହିଁ । ଶିକ୍ଷା ବ୍ୟବସ୍ଥାକୁ ବ୍ୟବସାୟୀଙ୍କ ହାତରେ ଟେକିଦେଇ ଗରିବ, ସାଧାରଣବର୍ଗ ଓ ଖଟିଖିଆ ମାନଙ୍କ ପିଲାମାନଙ୍କୁ ଶିକ୍ଷା ଅଧିକାରରୁ ବଂଚିତ କରିବାପାଇଁ ଏହା ଏକ ଷଡ଼ଯନ୍ତ୍ର । ଏହି ବ୍ୟବସ୍ଥାରେ ମାତୃଭାଷାରେ ଶିକ୍ଷା ଆହରଣ ସୁବିଧାକୁ ସଂକୁଚିତ କରାଯାଇ ଏକ ନିର୍ଦ୍ଦିଷ୍ଟ ଭାଷାକୁ ଛାତ୍ରଛାତ୍ରୀଙ୍କ ଉପରେ ଲଦି ଦିଆଯାଉଛି। ସୁତରାଂ ଜାତୀୟ ଶିକ୍ଷାନୀତି-୨୦୨୦ ଭାରତବର୍ଷର ଶିକ୍ଷାବ୍ୟବସ୍ଥାର ମାନକୁ ନିମ୍ନଗାମୀ କରିବ। କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀଙ୍କ ମୋଦି ମାର୍କା ଶିକ୍ଷା ବ୍ୟବସ୍ଥା ଛାତ୍ରସ୍ୱାର୍ଥ ବିରୋଧ। ମୋଦିଙ୍କ ଭିଜନ କଥା ଶିକ୍ଷାମନ୍ତ୍ରୀ କହୁଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ।

# ଛେପ ପକାଇବା ଏବଂ ଆବର୍ଜନା ପାଇଁ ମାର୍ଚ୍ଚ ମାସରେ ୫୮୧ ଜଣଙ୍କୁ ଜରିମାନା

ଭୁବନେଶ୍ୱର,୪।୪(ମହାଭାରତ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଗତ ମାର୍ଚ୍ଚ ୨୦୨୫ରେ ରେଳ ଷ୍ଟେସନରେ ଛେପ ପକାଇବା ଏବଂ ଆବର୍ଜନା ପକାଇବା ପାଇଁ ୫୮୧ ଜଣଙ୍କୁ ଜରିମାନା ଆଦାୟ କରାଯାଇଅଛି । ଏହି କାର୍ଯ୍ୟ ସମଗ୍ର ରେଳ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଏକ ନିରନ୍ତର ପଦକ୍ଷେପର ଅଂଶ । ମାର୍ଚ୍ଚ ମାସରେ ଆଦାୟ କରାଯାଇଥିବା ମୋଟ ଜରିମାନା ପରିମାଣ "୧,୧୭,୧୦୦/- ଅଟେ।

ଅଳିଆ। ପକାଇବା ଏବଂ ଛେପ ପକାଇବାର ସମସ୍ୟାକୁ ଦୂର କରିବା ପାଇଁ ଚାଲିଥିବା ପ୍ରୟାସର ଅଂଶ ସ୍ୱରୂପ, ପରିଷ୍କାର ପରିଚ୍ଛନ୍ନତା ନିୟମାବଳୀ ଲାଗୁ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଗଠନ କରାଯାଇଛି। ଏହି କାର୍ଯ୍ୟ ବାହିନୀ




ଷ୍ଟେସନ ପରିଚାଳକ, ଟିକେଟ୍ ସଂଗ୍ରହକାରୀ, ରେଳ ସୁରକ୍ଷା ବାହିନୀ (ଜଚର), ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀଙ୍କ ସହ ମିଶି କାର୍ଯ୍ୟ କରୁଅଛି।

ସକ୍ରିୟ ତଦାରଖ ସହିତ, ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ରେଳ ଷ୍ଟେସନ ଏବଂ ଟ୍ରେନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଷ୍ଟେସନର ସାର୍ବଜନୀନ ଘୋଷଣା ପ୍ରଣାଳୀ ମାଧ୍ୟମରେ ଘୋଷଣା, ପୋଷ୍ଟର ଏବଂ ବ୍ୟାନର ବଣ୍ଟନ ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଅନ୍ତର୍ଭୁକ୍ତ।

ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଯଥା ଛେପ ପକାଇବା, ଅଳିଆ ପକାଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଜରିମାନା ଦେବାକୁ କ୍ଷମତା ଦିଆଯାଇଛିଯ ଏଥିରେ ରେଳ ପରିସର କିମ୍ବା କମ୍ପାର୍ଟମେଣ୍ଟରେ ଅଳିଆ ପକାଇବା, ଛେପ ପକାଇବା, ରୋଷେଇ କରିବା, ଗାଧୋଇବା, ପରିସ୍ରା କରିବା କିମ୍ବା ମଳତ୍ୟାଗ କରିବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହାର ଲକ୍ଷ୍ୟ ହେଉଛି ସମସ୍ତ ଯାତ୍ରୀଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ମନୋରମ ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା।

ପୂର୍ବତଟ ରେଳପଥର କଠୋର ସତର୍କତା ଉପରେ ଧ୍ୟାନ ଏହାର କ୍ଷେତ୍ରାଧିକାର ମଧ୍ୟରେ ଥିବା ସମସ୍ତ ଷ୍ଟେସନରେ ବିସ୍ତାର କରାଯାଇଛି ଯାହାଦ୍ୱାରା ଷ୍ଟେସନ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଉଲ୍ଲଂଘନ ପାଇଁ ଦଣ୍ଡ ଲାଗୁ କରିବାର ଦାୟିତ୍ୱ ରହିଛି। ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା କେବଳ ପାଳନର ବିଷୟ ନୁହେଁ ବରଂ ଏକ ଜନସ୍ୱାସ୍ଥ୍ୟ ଆବଶ୍ୟକତା ମଧ୍ୟ। ଆମର ଚାଲୁଥିବା ଅଭିଯାନ ସମସ୍ତ ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ଦାୟିତ୍ୱବୋଧ ଜାଗ୍ରତ କରିବାକୁ ଏକ ପ୍ରୟାସ । ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ପରିବେଶ ଉପଲବ୍ଧ କରାଇବା ପାଇଁ ପୂର୍ବତଟ ରେଳପଥ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ପଦକ୍ଷେପଗୁଡ଼ିକୁ କଡ଼ାକଡ଼ି ଭାବରେ ଲାଗୁ କରିବା ପାଇଁ ମଧ୍ୟ ନିରନ୍ତର ଜାରି ରଖିବ। ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ଷ୍ଟେସନ ଏବଂ ପ୍ଲାଟଫର୍ମ ପରିସରରେ ଥିବା ନିର୍ଦ୍ଦିଷ୍ଟ ଡଷ୍ଟବିନ୍‌ରେ ସେମାନଙ୍କର ଅଳିଆ। ଫିଙ୍ଗିବାକୁ ମନେ ପକାଇ ଦିଆଯାଉଛିଯ ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗାଇ ଦିଆଯାଇଥିବା ଶୌଚାଳୟ ଏବଂ ସ୍ନାନାଗାର ବ୍ୟବହାର କରିବାକୁ ମଧ୍ୟ ସେମାନଙ୍କୁ ଉତ୍ସାହିତ କରାଯାଉଛି । ଏହା ସହିତ, ଯାତ୍ରୀମାନଙ୍କୁ ପ୍ଲାଟଫର୍ମରେ ଏବଂ ଷ୍ଟେସନ ପରିସରରେ ଛେପ ପକାଇବା ବିରୁଦ୍ଧରେ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ସମସ୍ତଙ୍କ ପାଇଁ ଏକ ସଫା ଏବଂ ପରିଷ୍କାର ପରିବେଶ ବଜାୟ ରଖିବାରେ ସାହାଯ୍ୟ ମିଳିବ। ରେଳ ପ୍ରଶାସନ ସମସ୍ତ ଯାତ୍ରୀଙ୍କୁ ସ୍ୱଚ୍ଛତା ମାନଦଣ୍ଡ ପାଳନ କରି ସହଯୋଗ କରିବାକୁ ଏବଂ ରେଳ ଷ୍ଟେସନ ଏବଂ ଟ୍ରେନଗୁଡ଼ିକୁ ଅଳିଆ। ଏବଂ ଅଳିଆ। ମୁକ୍ତ ରଖିବାରେ ସାହାଯ୍ୟ କରିବାକୁ ଉତ୍ସାହିତ କରାଯାଉଅଛି।

# ବିଶ୍ୱକୁ ବାର୍ତ୍ତା

ଶାସନ ବିରୁଦ୍ଧରେ ବିଦ୍ରୋହ ଅଭିଯୋଗରେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ୟୁନ ସୁକ୍ ୟିଓଲଙ୍କ ଗିରଫ କେବଳ ଏକ ଐତିହାସିକ ଉଦାହରଣ ପ୍ରତିଷ୍ଠା ନାହିଁ, ଦେଶର ଗଣତନ୍ତ୍ର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ଦାଗ ଛାଡି ଦେଇଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, ଏହି ନାଟକୀୟ ଘଟଣା ଦେଶର ଗଣତନ୍ତ୍ରର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ସହ ଏହାର ନିଷ୍ପତି ଓ କାର୍ଯ୍ୟକାରିତା ଅଦଭୂତପୂର୍ବ ଥିଲା। ଯାହାକି ଗଭୀର ରାଜନୈତିକ ଓ ସାମାଜିକ ବିଭାଜନକୁ ପ୍ରଦର୍ଶିତ କରିଛି। ଆହୁରି ମଧ୍ୟ ଏହି ଘଟଣା କେବଳ ଏକ ଆଇନଗତ କିମ୍ବା ରାଜନୈତିକ ସାର୍ବଜନୀନ ପ୍ରଦର୍ଶନୀ ନୁହେଁ, କିନ୍ତୁ ଦେଶର ସାମ୍ବିଧାନିକ ନିର୍ଦ୍ଦେଶ ଏବଂ ଆଇନର ଶାସନକୁ ଅକ୍ଷୁର୍ଣ୍ଣ ରଖିବାର ସଂକଳ୍ପବଦ୍ଧତାକୁ ପ୍ରଦର୍ଶିତ କରିଛି। ବୋଧହୁଏ କ୍ଷମତାରେ ଥାଇ ଜଣେ ରାଷ୍ଟ୍ରପତି ଗିରଫ ହେବା ବିଶ୍ୱରେ ପ୍ରଥମ ଘଟଣା। ଉଲ୍ଲେଖଯୋଗ୍ୟ ଯେ, ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ବିଦ୍ରୋହୀର ଅଭିଯୋଗ ଦେଶରେ ସାମରିକ ଶାସନ ଜାରିରୁ ଉତ୍ପନ ହୋଇଥିଲା। ଯାହାକି ଅତ୍ୟନ୍ତ ଗମ୍ଭୀର। ରାଷ୍ଟ୍ରପତି ବା ରାଷ୍ଟ୍ରମୁଖ୍ୟଙ୍କର ଏଭଳି କାର୍ଯ୍ୟକଳାପ ସିଧାସଳଖ ଦେଶର ଗଣତାନ୍ତ୍ରୀକ ମୂଳଦୁଆ ପ୍ରତି ଧମକ ଦେଇଛି। ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ତଦ' ଓ ଗିରଫଦାରି ଉଭୟ ପ୍ରଶଂସା ଓ ନିନ୍ଦା ଯେତେବେଳେ ବହନ କରିଛି। ସେତେବେଳେ ଗୋଟିଏ ମାତ୍ର ସନ୍ଦେଶ ଦେଇଛି ଯେ ଆଇନ ଠାରୁ କୌଣସି ନେତା ଉର୍ଦ୍ଧ୍ୱରେ ନୁହଁନ୍ତି। ଏହି ନୀତି ହେଉଛି ସୁସ୍ଥ ଗଣତନ୍ତ୍ରର ମୂଳଦୁଆ ଏବଂ ଉଚ୍ଚସ୍ତରରେ ବା ପଦପଦବୀରେ ଥିବା ବ୍ୟକ୍ତି ବିଶେଷଙ୍କୁ ଉତରଦାୟୀ କରି ଦକ୍ଷିଣକୋରିଆ ତା'ର ଗଣତନ୍ତ୍ରର ପରିପକ୍ୱତାକୁ ପ୍ରଦର୍ଶିତ କରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଷ୍ଟ୍ରପତି ୟିଓଲଙ୍କୁ ଗିରଫ କରିବା ପାଇଁ ସମସ୍ତ ବ୍ୟାରିକେଟ, କଂଟାତାର ବାଡ ଏବଂ ସୁରକ୍ଷା କର୍ମୀମାନଙ୍କ ସହ ମୁକାବିଲା ଆଦି ନାଟକୀୟ ଘଟଣା ଜନମତକୁ ମଧ୍ୟ ବିଭାଜିତ କରିଛି। ଗିରଫଦାରିକୁ ରାଷ୍ଟ୍ରପତିଙ୍କ ସମର୍ଥକମାନେ ରାଜନୈତିକି ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଦର୍ଶାଇଥିବାବେଳେ ଦେଶର ସାମ୍ବିଧାନିକ ନିର୍ଦ୍ଦେଶକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଗିରଫଦାରି ଅତି ଜରୁରୀ ବୋଲି ବିରୋଧିମାନେ ଦର୍ଶାଇଛ଼ି। ରାଷ୍ଟ୍ରପତିଙ୍କ ବାସଭବନ ବାହାରେ ଉଭୟ ସମର୍ଥକ ଓ ବିରୋଧିଙ୍କ ବିକ୍ଷୋଭ ପ୍ରଦର୍ଶନ ସତ୍ୱେ ଦକ୍ଷିଣ କୋରିଆରେ ସେଭଳି କୌଣସି ବଡଧରଣର ହିଂସାକାଣ୍ଡ, ରକ୍ତପାତ କିମ୍ବା ଉତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ। କିନ୍ତୁ ଦେଶରେ ନେତାମାନଙ୍କୁ ଉତରଦାୟୀ କରିବା ନେଇ ସୃଷ୍ଟି ହୋଇଥିବା ଜନମତ ସମଗ୍ର ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିଛି। ଏହା ନିସନ୍ଦେହ ଯେ, ବିଶ୍ୱରେ ଏବେ ଅଧିକରୁ ଅଧିକ ରାଷ୍ଟ୍ର ଗଣତାନ୍ତ୍ରୀକ ଶାସନ ପଦ୍ଧତିକୁ ଗ୍ରହଣ କରିଥିବାବେଳେ ସଂଖ୍ୟା ଗରିଷ୍ଠତା ମାପକାଠି ଭାବେ ଗ୍ରହଣ କରିଛି। କେବଳ ଏତିକି ନୁହେଁ, ଦେଶର ଶାସନ ପାଇଁ ପ୍ରସ୍ତୁତ ସମ୍ବିଧାନ ହିଁ ସର୍ବୋଚ୍ଚ। ଗଣତାନ୍ତ୍ରୀକ ରାଷ୍ଟ୍ରରେ ଶାସକ ଯେତେବେଳେ ସ୍ୱେଚ୍ଛାଚାରୀ ହୁଏ, ସେତେବେଳେ ବ୍ୟାପକ ବିରୋଧି ଜନମତ ପ୍ରକାଶ ପାଏ। ଶାସକ ଗାଦିଚ୍ୟୁତ ହୁଅଁି। ଗିରଫ ହୋଇ ଜେଲ ଯାଇଥାଁି। ବିଚାର ପରେ ମଧ୍ୟ ମୃତ୍ୟୁ ଦଣ୍ଡ ପାଇଥାଁି। ଏହାର ବହୁ ଉଦାହରଣ ରହିଛି। ସେହିପରି ସରକାର ମୁଖ୍ୟ ବା ରାଷ୍ଟ୍ରମୁଖ୍ୟ ଗାଦିଚ୍ୟୁତ ହେବା ପରେ ଦେଶଛାଡି ଚାଲିଥିବା ଘଟଣା ମଧ୍ୟ ନୂଆନୁହେଁ। ବଙ୍ଗଳା ଦେଶ ଓ ସିରିଆରେ ନିକଟ ଅତୀତରେ ଘଟିଥିବା ରାଜନୈତିକ ଘଟଣାବଳୀ ହେଉଛି, ଏହାର ଜ୍ୱଳ' ଉଦାହରଣ। କି' ଗାଦିଚ୍ୟୁତ ନହୋଇ କ୍ଷମତାରେ ଥାଇ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଗିରଫ ହେବା ନିଶ୍ଚିତ ଭାବେ ଏକ ବିରଳ ଘଟଣା ଏବଂ ଏହି ଘଟଣା ବିଶ୍ୱର ସମସ୍ତ ଗଣତାନ୍ତ୍ରୀକ ରାଷ୍ଟ୍ରର ଶାସକମାନଙ୍କ ପାଇଁ ଏକ ସତର୍କ ଘଂଟି। ଗଣତାନ୍ତ୍ରୀକ ରାଷ୍ଟ୍ରରେ ଆଇନର ପରିସର ମଧ୍ୟରେ କ୍ଷମତା କାର୍ଯ୍ୟକାରୀ ହେବା ଜରୁରୀ ବୋଲି ଦକ୍ଷିଣ କୋରିଆ ଘଟଣା ଏକ ଚେତାବନୀ ଦେଇଛି। ସେହିପରି ଦେଶର ଆଇନଠାରୁ କେହି ଉର୍ଦ୍ଧ୍ୱରେ ନୁହଁନ୍ତି, ଦକ୍ଷିଣ କୋରିଆର ଘଟଣାବଳୀ ବିଶ୍ୱବାସୀଙ୍କୁ ଏକ ବାର୍ତା ଦେଇଛି ବୋଲି କହିଲେ ଭୁଲ ହୋଇନପାରେ।

# ଆଧୁନିକ ଜୀବନ ଶୈଳୀ ଓ ସଙ୍କୁଚିତ ମାତୃତ୍ୱ

**ଡାକ୍ତର ଶୁଭଶ୍ରୀ ମିଶ୍ର**

ମାତୃତ୍ୱ ନାରୀକୁ ପୂର୍ଣ୍ଣତା ଦେଇଥାଏ। ଯାହାପାଇଁ ଅନେକ ମାଆ ମାନଙ୍କ ଜୀବନର ଏକ ଆବେଗ ଥାଏ ଏହି ଆନନ୍ଦ ପାଇବା ପାଇଁ। ତେଣୁ ଛୁଆର ପ୍ରଥମ କାନ୍ଦଣା ଶୁଣିବାକୁ ମାଆଙ୍କ ପ୍ରସନ୍ନବେଦନାକୁ ବି ଗୌଣ ଭାବିନିଏ। ତେବେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବା ପରେ ମାତୃତ୍ୱ ଲାଭ ପାଇଁ ପ୍ରସବ ବେଦନା ଆଉ ଅବସମ୍ଭାବି ହୋଇରହିନାହିଁ। ବେଦନା ପୂର୍ବରୁ ହିଁ ନବଜାତ ମାନେ ସିଜରିଆନ ଡେଲିଭରି ବ୍ୟବସ୍ଥା ଦ୍ୱାରା ଭୂମିଷ୍ଠ ହେଉଛନ୍ତି। ଏବେ ନିରାପଦ ମାତୃତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଆଗେ କେବଳ ଘଣ୍ଟା ଘଣ୍ଟା ନୁହେଁ ଦିନ ଦିନର ପ୍ରସବ ଯନ୍ତ୍ରଣା ପରେ ସ୍ୱଭାବିକ ଭାବରେ ଶିଶୁଟିଏ ଜନ୍ମ ନେଉଥିଲା। କିନ୍ତୁ ଏବେ ସିଜରିଆନ ଡେଲିଭରିର ଅଧିକ ଗୁରୁତ୍ୱ ରହିଛି। ସୂଚନାଥାଉକି ଗର୍ଭାବସ୍ଥାର ୩୫ ସପ୍ତାହ ଭିତରେ ଜଣାପଡ଼ିଯାଏ ଯେ ପ୍ରସବ ସ୍ୱାଭାବିକ ହେବ ନା ସିଜରିଆନ। ଶିଶୁ ଓଲଟା ରହିଲେ, ନାଡ଼ ଗୁଡ଼ାଇ ହୋଇଗଲେ କିମ୍ବା ଓଜନ ଅଧିକ ଥିଲେ ସ୍ୱାଭାବିକ ପ୍ରସବ ପରାମର୍ଶ ଯୋଗ୍ୟ ନୁହେଁ। ସ୍ୱାଭାବିକ ପ୍ରସବରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ଗର୍ଭାଶୟ ସହିତ ସଂଯୋଗ କରୁଥିବା ନାଡଟି ଅଟକି ଯାଉଛି କିମ୍ବା ତାର ହୃତସ୍ପନ୍ଦନ ଅସ୍ୱାଭାବିକ ରହୁଛି କି ରକ୍ତ ଜମାଟ ବାନ୍ଧୁଛି। କେତେକ ସ୍ଥଳରେ ଶିଶୁ ଜନ୍ମ ହେଲାପରେ କାନ୍ଦୁନାହିଁ ଓ ମୂତ୍ରାଶୟ ଖସିଯିବାର ଆଶଙ୍କା ରହୁଛି। ଏଣୁ ଶିଶୁର ସ୍ୱାସ୍ଥ୍ୟକୁ ବିଚାରକରି ଅସ୍ତ୍ରୋପଚାର ପାଇଁ କୁହାଯାଏ। ଯଦି ଗର୍ଭବତୀ ଏକତ୍ର ଦୁଇ ବା ଅଧିକ ସନ୍ତାନ ଜନ୍ମ ଦେଉଛନ୍ତି ଏବଂ ଶିଶୁ ଗର୍ଭାଶୟରେ ଭୁଲ ସ୍ଥାନରେ ରହିଛି ତେବେ ସିଜରିଆନ କରାଯାଏ। ମାଆର ହରପିସ ସଂକ୍ରମଣ ଥିଲେ ଗର୍ଭସ୍ଥ ଶିଶୁ ସଂକ୍ରମିତ ହୋଇପାରେ। ସେ କ୍ଷେତ୍ରରେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ସବୁବେଳେ ଲକ୍ଷ୍ୟ ରଖିବା ଉଚିତ କି ଶିଶୁଟି କିପରି ସୁସ୍ଥ ଭାବେ ଓ ଠିକ ସମୟରେ ଜନ୍ମ ନେବ।

ନିକଟରେ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମହିଳା ମାନଙ୍କର ସନ୍ତାନ ପ୍ରସବ ହାର ବା ଟୋଟଲ ଫଟଲିଟି ରେଟର ଭବିଷ୍ୟତର ସମ୍ଭାବ୍ୟ ଧାରା ସମ୍ବନ୍ଧରେ ମର୍ଯ୍ୟାଦାଜନକ ଚିକିତ୍ସା ବିଜ୍ଞାନ ପତ୍ରିକା ଲଣ୍ଡନରୁ ପ୍ରକାଶିତ 'ଦି ଲାନସେଟ' ବହନ କରିଥିବା ଏକ ଅନୁଶୀଳନ ଅନୁସାରେ ୨୦୫୦ ସୁଧା ଭାରତର ଟିଏଫଆର ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦୪ ହେବାକୁ ଯାଉଛି ବୋଲି ଅନୁମାନ କରାଯାଉଛି। ଟିଏଫଆର ହେଉଛି ପ୍ରଜନନକ୍ଷମ ବୟସସୀମା ୧୫-୪୯ ବର୍ଷ ବୟସ ମଧ୍ୟରେ ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତିତଙ୍କ ହାରାହାରି ସଂଖ୍ୟା। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟିଏଫଆର ହେଉଛି ୨.୧ ଯାହାକୁ ପ୍ରତିସ୍ଥାପନ ହାର ବା ରିପ୍ଲେସମେଣ୍ଟ ରେଟ ରୂପେ ଅଭିହିତ କରାଯାଇଥାଏ। ଦି ଲାନସେଟରେ ପ୍ରକାଶିତ ଅନୁଶୀଳନ ଅନୁସାରେ ଭାରତର ଟିଏଫଆର ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ୧.୯୧। ଭାରତ ସରକାରଙ୍କ ଦ୍ୱାରା ୨୦୧୯-୨୧ ମଧ୍ୟରେ କରାଯାଇଥିବା ନେସନାଲ ଫ୍ୟାମିଲି ହେଲଥ ସର୍ଭେରୁ ମଧ୍ୟ ଦେଶର ଟିଏଫଆର ମୂଲ୍ୟ ୨ ହୋଇଥିବା ଆବିଷ୍କୃତ ହୋଇଥିଲା, ଯାହା ଉପରୋକ୍ତ ପ୍ରତିସ୍ଥାପନ ହାର ଠାରୁ ସାମାନ୍ୟ ନୀଚା ହୋଇଥାଏ।

ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ୱାସିଙ୍ଗଟନ ସ୍କୁଲ ଅଫ ମେଡ଼ିସିନର ଇନଷ୍ଟିଚ୍ୟୁଟ ଅଫ ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ।



ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ରେ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି। ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏଫଏଚଏସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫଆର ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ୍ୟ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ୍ୟ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନଏଫଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫଆରରେ ସ୍ଖଳନ ଘଟିଛି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନଏଫଏଚଏସ-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବାବେଳେ ୧୨ ବା ତୋତାଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮। ଅପେକ୍ଷାକୃତ କ୍ଷୁଦ୍ର ଦେଶମାନଙ୍କ ପାଇଁ ଟିଏଫଆରରେ ହ୍ରାସ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ଏଥିଯୋଗୁଁ ସେ ଦେଶର ଶ୍ରମଶକ୍ତି ସଙ୍କୁଚିତ ହୋଇଥାଏ ଏହାକୁ ଭରଣା କରିବାକୁ ବହିରାଗତ ଶ୍ରମିକମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହା ବର୍ତ୍ତମାନ ଇଉରୋପର ଅନେକ ଦେଶରେ ଦେଖାଯାଉଥିବା ଭଳି ସାମାଜିକ ସଂଘାତ ଓ ଅସ୍ଥିରତା ସୃଷ୍ଟି କରିଥାଏ। ଜାପାନ ଓ ଦକ୍ଷିଣ କୋରିଆ ପରି ପୂର୍ବ ଏସିଆର ଉନ୍ନତ ଦେଶମାନ ବର୍ତ୍ତମାନ ଜନସଂଖ୍ୟା ସଙ୍କୋଚନ ଜନିତ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଦେଖାଗଲାଣି। ଟିଏଫଆରରେ ସ୍ଖଳନ ଘଟି ଚାଲିଲେ ତାହା କ୍ରମେ ଜନସଂଖ୍ୟା ପରିମିଡକୁ ଓଲଟାଇଦେବ ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ି ତୁଳନାରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅଧିକ ହେବ। ଉତ୍ପାଦନଶୀଳ ଯୁବକ ଯୁବତୀମାନଙ୍କ ଉପରେ ଅନୁତ୍ପାଦନଶୀଳ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି। ସମୟ ଅତିକ୍ରାନ୍ତ ହେବା ସହିତ ଏହି ନିର୍ଭରଶୀଳ ଅନୁପାତରେ ବୃଦ୍ଧି ଘଟିଚାଲି ଏକ ସମୟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। କେବଳ ଏହି ବୟସ୍କମାନଙ୍କର ଜୀବନଧାରଣର ଆବଶ୍ୟକତା ପୂରଣ କରିବା ନୁହେଁ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଷ୍ଟ୍ର ପାଇଁ ଏକ ବିଶାଳ ଓ ବର୍ଦ୍ଧିଷ୍ଣୁ ବୋଝ ସୃଷ୍ଟି କରିଥାଏ। ଶେଷରେ ଉତ୍ପାଦନଶୀଳ ଯୁବପିଢ଼ିକୁ ହିଁ ଏହି ବୋଝ ବହନ କରିବାକୁ ହୋଇଥାଏ।

କେବଳ କ୍ଷୁଦ୍ର ଦେଶମାନେ ଯେ ହ୍ରାସମାନ ଟିଏଫଆର ଜନିତ ଏଭଳି ସଙ୍କଟରେ ସମ୍ମୁଖୀନ ହୋଇଛନ୍ତି ତାହା ନୁହେଁ, ଚୀନ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ମଧ୍ୟ ଏହି ଆତଙ୍କର ତାତି ଅନୁଭବ କରିବା ଦେଖାଗଲାଣି। ସେ ଦେଶ ଅତୀତରେ କଡ଼ାକଡ଼ି ଭାବରେ ଅନୁସରଣ କରିଥିବା ଏକ ସନ୍ତାନ ନୀତିର ଫଳସ୍ୱରୂପ ବର୍ତ୍ତମାନ ସେଠାରେ ଏଇଭଳି ପରିସ୍ଥିତି ଉପୁଜିବାକୁ ଆରମ୍ଭ କରିବାରୁ ସେଠାକାର ସରକାର ବର୍ତ୍ତମାନ ଏକାଧିକ ସନ୍ତାନ ଜନ୍ମ କରିବାକୁ ଦମ୍ପତିମାନଙ୍କୁ ପ୍ରବର୍ତ୍ତାଉଥିଲେ ହେଁ ସେମାନେ ସେଥିପାଇଁ ଆଉ ସହଜରେ ରାଜି ହେଉନାହାନ୍ତି। ଭାରତ ମଧ୍ୟ ସ୍ୱାଧୀନତା ପରଠାରୁ ଜନସଂଖ୍ୟା ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇ ଦେଶବ୍ୟାପୀ ପରିବାର ନିୟୋଜନ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଦେବା ପାଇଁ ଉଦ୍ୟମ କରି ଆସିଥିଲା। ଭାରତର ସେହି ଉଦ୍ୟମ ଓ ଦେଶ ହାସଲ କରିଚାଲିଥିବା ଅର୍ଥନୈତିକ ପ୍ରଗତିର ମିଳିତ ଫଳସ୍ୱରୂପ ବର୍ତ୍ତମାନ ଦେଶର ଟିଏଫଆରରେ ଏଭଳି ସ୍ଖଳନ ଘଟିବା ଦେଖାଯାଇଛି। କିନ୍ତୁ ଆହୁରି କେତେ ବର୍ଷ ଧରି ଦେଶର ଜନସଂଖ୍ୟାରେ ବୃଦ୍ଧି ଘଟି ଚାଲିବା ପରେ ଯାଇ, ମୋଟ ଜନସଂଖ୍ୟା ୧୬୭ କୋଟି ଛୁଇଁଥିବ। ସୌଭାଗ୍ୟକ୍ରମେ ବର୍ତ୍ତମାନ ଭାରତର କର୍ମକ୍ଷମ ଯୁବପିଢ଼ି ହେଉଛି ପୃଥିବୀର ବିଶାଳତମ, ଯାହାକୁ ଆମର ଜନସଂଖ୍ୟାଗତ ଲାଭ ବା ଡେମୋଗ୍ରାଫିକ ଡିଭିଡେଣ୍ଡ ରୂପେ ବିଚାର କରାଯାଉଛି। ତେଣୁ ବର୍ତ୍ତମାନ ପାଇଁ ଏକ ନିମ୍ନଗାମୀ ଟିଏଫଆରମ ଆମ ପାଇଁ ଏକ ସମସ୍ୟା ରୂପେ ଆବିର୍ଭୂତ ହୋଇନାହିଁ। କିନ୍ତୁ ଯଦି ଦୀର୍ଘକାଳ ଧରି ଏହି ଧାରା ଅବ୍ୟାହତ ରହେ ତେବେ ଦୂର ଭବିଷ୍ୟତରେ ଏକ ସମୟ ଆସିବ, ଯେତେବେଳେ ଆମକୁ ଆଜିର ଦକ୍ଷିଣ କୋରିଆ ବା ଜାପାନ ଭଳି ପରିବାର ନିୟୋଜନ ପରିବର୍ତ୍ତେ ଏକ ପରିବାର ସମ୍ପ୍ରସାରଣ ଅଭିଯାନ ଆରମ୍ଭ କରିବାକୁ ପଡ଼ିପାରେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬,

# ଶକ୍ତିଶାଳୀ ଦେଶ ତାଳିକାରୁ ବାଦ୍ ପଡିଛି ଭାରତ

**ଗୋପାଳ ମହାପାତ୍ର**

ପ୍ରତିଷ୍ଠିତ ସଂସ୍ଥା ଫୋବର୍ସ ୨୦୨୫ ପାଇଁ ବିଶ୍ୱର ଶକ୍ତିଶାଳୀ ଦେଶଙ୍କ ଏକ ତାଲିକା ଜାରି କରିଛି। ଏହି ସର୍ବାଧିକ ୧୦ ଶକ୍ତିଶାଳୀ ଦେଶର ତାଲିକାରେ ଭାରତର ନାମ ନାହିଁ। ଫୋବର୍ସର ଏହି ର୍ୟାଙ୍କିଙ୍ଗ ମଡ଼େଲକୁ ବିଏବିଗ୍ରୁପ୍ ପ୍ରସ୍ତୁତ କରିଛି। ଏହି ବିଏବି ଗ୍ରୁପ୍ ଡ଼ବ୍ଲୁପିସି ୟୁନିଟର ଏକ ଅଂଶ ଓ ଏହାର ନେତୃତ୍ୱ ନେଇଥାନ୍ତି ପେନସାଲାଭାନିଆ ବିଶ୍ୱବିଦ୍ୟାଳୟର ହ୍ୱାଟର୍ଣ୍ଣ ସ୍କୁଲର ପ୍ରଫେସର ଡ଼େଭିଡ଼ ରିବଷ୍ଟନ। ଫୋବର୍ସ ଜାରି କରିଥିବା ଏହି ତାଲିକାକୁ ନେଇ ଏବେ ଆଲୋଚନା ସମାଲୋଚନା ଚାଲିଛି। କାରଣ ଭାରତ ଭଳି ବିଶାଳ ଓ ବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶକୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ଅନ୍ୟ ପକ୍ଷରେ କେତେକ ଛୋଟ ଦେଶମାନଙ୍କୁ ତାଲିକାରେ ସାମିଲ କରାଯାଇଛି। ଭାରତ ଏବେ ବିଶ୍ୱର ୫ମ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ଏଥିସହ ଭାରତର ସେନା ବିଶ୍ୱର ୪ର୍ଥ ବୃହତ୍ ସେନା ଅଟେ। ଫୋବର୍ସର ଏହି ର୍ୟାଙ୍କିଙ୍ଗକୁ ନେଇ ଭାରତ ସରକାର ଏପରିକି ଗୋଦି ମିଡିଆ ପକ୍ଷରୁ କୁହାଯାଇଛି ଯେ ଭାରତ ବିରୁଦ୍ଧରେ ଏହା ଏକ ଷଡ଼ଯନ୍ତ୍ର ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତାକୁ ନେଇ ପଶ୍ଚିମୀଦେଶ ମାନେ ଇର୍ଷା କରୁଛନ୍ତି। କିନ୍ତୁ ଏବେ ଆତ୍ମମନ୍ଥନ କରାଯିବା ଉଚିତ୍ ଯେ କେଉଁ କାରଣ ପାଇଁ ତାଲିକାରେ ଭାରତର ନାମକୁ ବାଦ୍ ଦିଆଯାଇଛି। ଫୋବର୍ସର ଏହି ର୍ୟାଙ୍କିଙ୍ଗ୍‌କୁ ନେଇ ସମାଲୋଚନା କରାଯିବା ହାସ୍ୟସ୍ପଦ। କାରଣ ହେଉଛି ପଶ୍ଚିମୀ ଦେଶରେ କରାଯାଉଥିବା ଏହି ସମୀକ୍ଷା ଓ ସର୍ବେକ୍ଷଣ ଶତ ପ୍ରତିଶତ ଠିକ୍ ନହେଲେ ମଧ୍ୟ ଅନେକାଂଶରେ ନିରପେକ୍ଷତା ଅବଲମ୍ବନ କରାଯାଇ ନିଷ୍କର୍ଷ ବାହାର କରାଯାଇଥାଏ। ଫୋବର୍ସକୁ କୌଣସି ଦେଶର ସରକାର ପ୍ରଭାବିତ କରିପାରି ନଥାଏ କିମ୍ବା କେବେବି ଫୋବର୍ସର ରିପୋର୍ଟ ଉପରେ ପ୍ରଶ୍ନବାଚୀ ଉଠିନଥାଏ। ଏଣୁ ଫୋବର୍ସର ଏହି ସୂଚୀକୁ ସମାଲୋଚନା କରିବା ପରିବର୍ତ୍ତେ କାହିଁକି ତାଲିକାରୁ ଭାରତ ବାଦ୍ ପଡିଲା ସେ ବାବଦରେ ସମୀକ୍ଷା କରାଯିବା ଆବଶ୍ୟକ। ଆଶ୍ଚର୍ଯ୍ୟର କଥା ସର୍ବାଧିକ ଶକ୍ତିଶାଳୀ ୧୦ ଦେଶର ତାଲିକାରେ ଭାରତ ନାହିଁ।

ଦେଶର ସ୍ଥିତି ପାଇଁ ନେତୃତ୍ୱ ହିଁ ଦାୟୀ। ଫୋବର୍ସ ର୍ୟାଙ୍କିଙ୍ଗ ମୁତାବକ ଶକ୍ତିଶାଳୀ ଦେଶର କ୍ରମ ହେଉଛି- ଆମେରିକା (ଜିଡିପି-୩୦.୩୪ଟ୍ରିଲିୟନ୍ ଡଲାର), ଚୀନ(୧୯.୫୩ ଟ୍ରିଲିୟନ ଡଲାର), ଋଷ (୨.୨ଟ୍ରିଲିୟନ ଡ଼ଲାର), ୟୁନାଇଟେଡ଼ କିଙ୍ଗଡ଼ମ (୩.୭୩ଟ୍ରିଲିୟନ ଡ଼ଲାର)। ଏହି କ୍ରମରେ ରହିଛନ୍ତି ଜର୍ମାନୀ, ଦକ୍ଷିଣ କୋରିଆ, ଫ୍ରାନ୍ସ, ଜାପାନ, ଏବଂ ଇସ୍ରାଏଲ। ଏଥିରୁ ସ୍ପଷ୍ଟ ଯେ ଫୋବର୍ସର୍ୟାଙ୍କିଙ୍ଗ କେଉଁ ଆଧାରରେ କରାଯାଇଛି। ସର୍ବପ୍ରଥମେ ନେତୃତ୍ୱ କ୍ଷମତାକୁ ବିଚାରକୁ ନିଆଯାଇଛି। ଏହାର ଅର୍ଥ ହେଉଛି ଦେଶର ଅର୍ଥବ୍ୟବସ୍ଥା କେତେ ମଜଭୁତ ଏବଂ ବ୍ୟାପକ ଅଟେ। ଅନ୍ୟ ଏକ ବିଶୟ ବା ପ୍ରସଙ୍ଗ ହେଉଛି ଦେଶର ରାଜନୈତିକ ସ୍ଥିରତା ଓ ବିଶ୍ୱରାଜନୀତିରେ ସଂପୃକ୍ତ ଦେଶର ସ୍ଥିତି କେମିତି ରହିଛି। ଆନ୍ତର୍ଯ୍ୟତୀୟ ମେଣ୍ଟ କଥାକୁ ମଧ୍ୟ ସମୀକ୍ଷା ବେଳେ ଗୁରୁତ୍ୱ ଦିଆଯାଇଥାଏ। ଏସବୁ ପରେ ଅନ୍ୟ ଦେଶ ମାନଙ୍କ ସହ ସମ୍ପର୍କ ଏବଂ କୂଟନୈତିକ ଭାଗିଦାରୀ ଏବଂ ବୁଝାମଣାକୁ ବିଚାରକୁ ନିଆଯାଇଥାଏ। ଏସବୁକୁ ବିଚାରକୁ ନେଇ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ଅନେକ ଦେଶର ଅର୍ଥବ୍ୟବସ୍ଥାର ଆକାର ବଡ଼ ଥାଇପାରେ କିନ୍ତୁ ସେହି ଦେଶର ନେତୃତ୍ୱ ପର୍ଯ୍ୟାପ୍ତ ଭାବେ ଶସକ୍ତ ନଥିଲେ ସେ ଦେଶର କ୍ରମାଙ୍କ ଘଟିଥାଏ। ସେହି ପରି ଅର୍ଥବ୍ୟବସ୍ଥା ବଡ଼ ଥାଇପାରେ, ନେତୃତ୍ୱ ମଧ୍ୟ ପ୍ରଭାବଶାଳୀ ଥାଇପାରେ କିନ୍ତୁ କୂଟନୈତିକ ସ୍ତରରେ ଦେଶର ପ୍ରଭାବ ନଥିଲେ ସେ ଦେଶର କ୍ରମାଙ୍କ ତଳକୁ ଖସି ଯାଇଥାଏ।

ଏମିତି ଦେଖିବାକୁ ଗଲେ ଭାରତ ଏବେ ବିଶ୍ୱର ୫ମ ବୃହତ୍ ଅର୍ଥବ୍ୟବସ୍ଥା ଏବଂ ଭାରତର ବିଶାଳ ସେନା ରହିଛି। ଏଣୁ କେଉଁ କାରଣ ପାଇଁ ଭାରତକୁ ଏହି ତାଲିକାରୁ ବାଦ୍ ଦିଆଗଲା? ସମ୍ଭବତଃ ନେତୃତ୍ୱ କାରଣରୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ଉଭୟ ସ୍ତରରେ ଦୁର୍ବଳବୋଧ ହୁଏ। ୨୦୨୪ ମସିହାରେ ତାଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢ଼ିଥିଲା। ଲକ୍ଷଥିଲା ବିଜେପି ଏକାକୀ ୩୭୦ ବା ତାଠାରୁ ଅଧିକ ଆସନରେ ଜିତିବ। ଏବଂ ଶାସକ ମେଣ୍ଟ ନ୍ୟାସନାଲ ଡ଼େମୋକ୍ରାଟିକ୍ ଏଲାଏନ୍ସ (ଏନଡିଏ)ର ସମ୍ମିଳିତ ଶକ୍ତିକୁ ଲୋକସଭାରେ ୪୦୦ରୁ ଅଧିକ ଆସନ ପର୍ଯ୍ୟନ୍ତ ନେଇଯିବା। କିନ୍ତୁ ଏମିତି ହୋଇପାରିନଥିଲା। ବିଜେପି ୨୪୦ ଆସନରେ ଅଟକି ଯାଇଥିଲା। ଏବଂ ସରକାର ଗଠନ ପାଇଁ ଚନ୍ଦ୍ରବାବୁ ନାଇଡୁ ଓ ନୀତିଶ କୁମାରଙ୍କ ଉପରେ ନିର୍ଭର କରିବାକୁ ପଡିଥିଲା। ଏସବୁର ପ୍ରଭାବ ମଧ୍ୟ ସଂସଦ ଭିତରେ ସରକାରର କାର୍ଯ୍ୟକଳାପରୁ ଜଣାପଡିଯାଉଛି। ୨୦୧୪-୧୯ ତଥା ୨୦୧୯-୨୪ର ଦୁଇ କାର୍ଯ୍ୟକାଳ ସମୟରେ ମୋଦୀ ସରକାର ମନଇଚ୍ଛା ନିଷ୍ପତ୍ତି ନେଇପାରୁଥିଲେ। କିନ୍ତୁ ଏବେ ସେକଥା ନାହିଁ। ୱ୍ୟାକଫ ବୋର୍ଡ ସଂଶୋଧନ ଅଧିନିୟମ (ବିଲ୍)କୁ ସଂଯୁକ୍ତ ସଂସଦୀୟ କମିଟିକୁ ପଠାଇବାକୁ ପଡିଲା। ଏକଥା ଭିନ୍ନ ଯେ ଯେନତେନ ପ୍ରକାରେଣ ସରକାର ସେଥିରେ ସଂଶୋଧନ କରାଇବାରେ ସଫଳ ହୋଇଥିଲେ। ବିଗତ ଦୁଇ ଲୋକସଭା ମୁକାବିଲାରେ ଏଥର ଲୋକସଭାରେ ବିରୋଧିଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି ସରକାର ।

ଯଦିଓ ମହାରାଷ୍ଟ୍ର ଓ ହରିଆଣାରେ ବିଧାନସଭା ନିର୍ବାଚନରେ ବିଜେପିକୁ ସଫଳତା ମିଳିଛି ଓ ଏବେ ଦିଲ୍ଲୀରେ ମିଳିଲା । ହେଲେ ଏକଥା ମଧ୍ୟ ସତ୍ୟ ଯେ ଜାମ୍ମୁ-କାଶ୍ମୀର ଏବଂ ଝାଡଖଣ୍ଡରେ ବିଜେପି ହାରିଛି। ଆନ୍ତର୍ଯାତୀୟ ସ୍ତରରେ ଏବେ ନରେନ୍ଦ୍ରମୋଦୀଙ୍କ ଗୁରୁତ୍ୱ କମିଛି। ଜାନୁୟାରୀ ୨୦ରେ ଆମେରିକାର ରାଷ୍ଟ୍ରପତିଭାବେ ନିର୍ବାଚିତ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ମୁକେଶ ଅମ୍ବାନୀଙ୍କୁ ନିମନ୍ତ୍ରଣ ମିଳିଥିଲା ଏପରିକି ଆମେରିକାର ଏକନମ୍ବର ପ୍ରତିଦ୍ୱନ୍ଦୀ ଚୀନ କୁ ନିମନ୍ତ୍ରଣ ମିଳିଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରାଯାଇନଥିଲା। ନରେନ୍ଦ୍ର ମୋଦୀ ୧୦ ବର୍ଷହେବ କହି ଆସୁଛନ୍ତି ଯେ ଭାରତ ବିଶ୍ୱଗୁରୁ ହେବାକୁ ଯାଉଛି କିନ୍ତୁ ବିଶ୍ୱଗୁରୁର ସମ୍ମାନ ତାଙ୍କୁ ମିଳୁନାହିଁ କାହିଁକି? ଏସିଆରେ ଭାରରତ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଯେଉଁ ଦେଶ ମାନଙ୍କର ଅର୍ଥବ୍ୟବସ୍ଥା ଭାରତ ଠାରୁ ଛୋଟ ସେମାନେ ବିଶ୍ୱଶକ୍ତି ସୂଚକଙ୍କରେ ଭାରତ ଠାରୁ ବହୁ ଆଗରେ ଅଛନ୍ତି। ଅର୍ଥବ୍ୟବସ୍ଥା ଦୃଷ୍ଟିରୁ ଦେଖିଲେ ଭାରତୀୟ ଅର୍ଥବ୍ୟବସ୍ଥା ସଙ୍କଟରେ ରହିଛି। ଡ଼ଲାର ମୁକାବିଲାରେ ଟଙ୍କାର ଅବମୂଲ୍ୟାୟ ଏବେ ୮୭ର ସ୍ତରରେ ପହଞ୍ଚିଛି। ଡ଼ଲାର ମହଙ୍ଗା ହେବା କାରଣରୁ ଆମଦାନୀ ମଧ୍ୟ ମହଙ୍ଗା ହେଉଛି। ଭାରତର ବ୍ୟବସାୟୀକ ସନ୍ତୁଳନ ମଧ୍ୟ ପ୍ରଭାବିତ ହେଉଛି। ଭାରତରୁ ରପ୍ତାନୀ କମ୍ ଏବଂ ଆମଦାନୀ ବୃଦ୍ଧି ଏବେ ଦେଶପାଇଁ ଅବ୍ୟବସ୍ଥା ସୃଷ୍ଟି କରୁଛି। ଦେଶର ଜିଡିପି ତୁଳନାରେ ୩ଗୁଣ ଋଣ ହୋଇଗଲାଣି। ଋଣ ବାବଦକୁ ୩ଲକ୍ଷ କୋଟି ସୁଧ ଦେବାକୁ ପଡୁଛି। ଭାରତରେ ଚୀନ ଉତ୍ପାଦିତ ସାମଗ୍ରୀର ବ୍ୟବସାୟ ବଢିବାରେ ଲାଗିଛି। ମେକ୍‌ଇନ୍ ଇଣ୍ଡିଆ ଭଳି ଅଭିଯାନର ସଫଳତା କେବଳ ଭାଷଣରେ ରହିଯାଇଛି। ଆତ୍ମନିର୍ଭର କଥା ଭାବିବା ବୃଥା। ସରକାରଙ୍କ ପ୍ରଚାରତନ୍ତ୍ର ଯେତେ କଥା କହୁଛି ବାସ୍ତବତା କିନ୍ତୁ ତାର ବିପରିତ। ବେରୋଜଗାରୀ ଦର ଭାରତରେ ୪୫ବର୍ଷର ଉଚ୍ଚତମ ସ୍ତରରେ। ବିଗତ ୧୦ ବର୍ଷ ହେବ ଅସଂଗଠିତ କ୍ଷେତ୍ରକୁ ଅଣଦେଖା କାରଣରୁ କୋଟି କୋଟି ଲୋକଙ୍କର ଆଜୀବିକା ପ୍ରଭାବିତ ହୋଇଛି। ଶିଳ୍ପସଂସ୍ଥା ଏବଂ ସେବା କ୍ଷେତ୍ରରେ କ୍ରମାଗତ ବେରୋଜଗାର ବଢୁଛି। ଭାରତ ସରକାର ଆତ୍ମସନ୍ତୋଷରୁ ବାହାରି ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେବା ଆବଶ୍ୟକ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଡ.ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

**ଡ଼.ଅରୁନ୍ଧତୀ ଦେବୀ**

ଆମ ରାଜ୍ୟର ବିଶିଷ୍ଟ ସଂପାଦକ, ଶିକ୍ଷାବିତ୍ ଓ ସାହିତ୍ୟିକଙ୍କ ମଧ୍ୟରେ ଡ.ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ଅନ୍ୟତମ। ତାଙ୍କ ସଂପାଦକ ଜୀବନ ଶୈଶବରେ ଆରମ୍ଭ ହୋଇଥିଲା। ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ସେ ମଞ୍ଜରୀ ନାମକ ହାତଲେଖା ପତ୍ରିକା ସଂପାଦନ କରୁଥିଲେ। ପରବର୍ତ୍ତୀ କାଳରେ ସେ ଚତୁରଙ୍ଗ, ଦ ରାଭେନ୍‌ସାଭିଆନ୍, ଶାଶ୍ୱତୀ, ସପ୍ତର୍ଷି ଓ ହୀରାଖଣ୍ଡ ଆଦିର ସଂପାଦନା କରିଥିବା ଜଣାଯାଏ। ତାଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ସେ ବିଧିବଦ୍ଧ ଭାବେ ମହାବିଦ୍ୟାଳୟରେ ନ ପଢ଼ି ଘରୋଇ ଭାବେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ତାହା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସୁବର୍ଣ୍ଣ ପଦକ ପାଇଥିଲେ। ଏଭଳି ଗୌରବ କ୍ୱଚିତ କେହି ହାସଲ କରିଥିବେ। ସେ ନାଗପୁର ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ମଧ୍ୟ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ପାରିବାରିକ ଆର୍ଥିକ ଦୁରବସ୍ଥା ଯୋଗୁଁ ସେ ବିଧିବଦ୍ଧ ମହାବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ହୋଇଥିବା ଜଣାଯାଏ।

ବିଦ୍ୟାଳୟ ଶିକ୍ଷକ ଭାବେ ଡ.ଉଦ୍‌ଗାତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ଉଚ୍ଚ ଶିକ୍ଷା ପରେ ସେ ମହାବିଦ୍ୟାଳୟ ଅଧ୍ୟାପକ ହୋଇଥିଲେ। ସାହିତ୍ୟିକ ଜୀବନରେ ସେ ଏକଧାରରେ କବି, ପ୍ରାବନ୍ଧିକ, ଅନୁବାଦକ ଓ ନାଟ୍ୟକାର। ଅଳଙ୍କାର ପ୍ରସଙ୍ଗ ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ କାବ୍ୟଶିଳ୍ପୀ ଗଙ୍ଗାଧର ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ। ରମାକାନ୍ତ ରଥଙ୍କ ପ୍ରସିଦ୍ଧ କାବ୍ୟ ଶ୍ରୀରାଧାର ସେ ସଂସ୍କୃତ ଅନୁବାଦ କରିଥିଲେ। ଏହା ଥିଲା, ତାଙ୍କର ଶେଷ କୃତି। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରକାଶିତ ଓଡ଼ିଆ ଲେଖକ ପରିଚୟ ପୁସ୍ତକ ଅନୁଯାୟୀ ୧୯୨୦ ମାର୍ଚ୍ଚ ଆଜିର ଦିନରେ ବଲାଙ୍ଗୀରର ଟିକରପଡ଼ାରେ ଜନ୍ମ ହୋଇଥିଲେ ଡ.ଉଦ୍‌ଗାତା

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

## ପ୍ରଶିକ୍ଷଣ ନେଲେ ପି, ଏମ୍, ଶ୍ରୀ ଭେଟିନାଥ ଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ



ବାଣପୁର : ( ମହାଭାରତ )ବାଣପୁର ବ୍ଲକ ଅଧିନସ୍ତ ଭେଟେଶ୍ୱର ଗ୍ରାମପ□ାୟତରେ ଥିବା ପି. ଏମ୍, ଶ୍ରୀ ଭେଟିନାଥ ଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରିସର ମଧ୍ୟରେ ସମାଜସେବୀ ତଥା ସେ□ ଜନ୍ ଆମ୍ବୁଲାନ୍ସ ଆସୋସିଏସନର ଆଜୀବନ ସଦସ୍ୟ ଶ୍ରୀଯୁକ୍ତ ଅନନ୍ତ ଚରଣ ଖଟେଇଙ୍କ ନେତୃତ୍ୱରେ ପ୍ରାଥମିକ ଉପଚାର ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଚିକିତ୍ସା କଣ ଓ କିପରି ପ୍ରାଥମିକ ଉପଚାର କରି ରୋଗୀ ଅବା ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇ ପାରିବେ ସେ ନେଇ ଶ୍ରୀ ଖଟେଇ ମହୋଦୟ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ମାନଙ୍କୁ ମଧ୍ୟ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଅସାବଧାନତା ବଶତଃ ଦୁର୍ଘଟଣାରେ ଗୋଡ଼, ହାତ ଭାଙ୍ଗିବା, ମୁଣ୍ଡ ଫାଟିବା, ରକ୍ତ ସ୍ରାବ ହେଲେ ପ୍ରାଥମିକ ଉପଚାର ଆଦି ବିଷୟରେ ସଚେତନ କରାଇବା ସହ ସାପ କାମୁଡ଼ା, କୁକୁର କାମୁଡ଼ା, ହୃତଘାତ, ଜଳାପୋଡା ଜନିତ ସମସ୍ୟା ହେଲେ ନିଜକୁ ଏବଂ ଅନ୍ୟ ମାନଙ୍କୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭେଟେଶ୍ୱର ଗ୍ରାମ ପ□ାୟତର ସମିତିସଭ୍ୟା ଶ୍ରୀମତୀ ରଶ୍ମିତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ସତ୍ୟ ନାରାୟଣ ରଣା, ପୂର୍ବତନ ସରପ□ ଶ୍ରୀଯୁକ୍ତ ଜୀତେନ୍ଦ୍ର କୁମାର ସାମନ୍ତରାୟଙ୍କ ଉପସ୍ଥିତି ସହିତ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ର ଗଜେନ୍ଦ୍ର ପ୍ରସାଦ ଜେନା, ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଦାସ, କ୍ରୀଡା ଶିକ୍ଷକ ଅବିନାଶ ଜେନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ । ପ୍ରାଥମିକ ଚିକିତ୍ସା ତାଲିମର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟ ତରଫରୁ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ତାଲିମ ଦାତା ଶ୍ରୀଯୁକ୍ତ ଅନନ୍ତ ଚରଣ ଖଟେଇଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଅବ୍ୟବସ୍ଥା ସମସ୍ୟା ଘେରରେ ପିଣ୍ଡାଙ୍ଗୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର

କନ୍ଧମାଳ:(ମହାଭାରତ):ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଛାତ୍ରଛାତ୍ରୀ ତଥା ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳ ମତି ଶିଶୁ ମାନଙ୍କ ପାଇଁ ପାଚେରୀ, ରୋଷେଇ ଗୃହ ବିଦ୍ୟୁତ ଓ ପାନୀୟ ଜଳ ବ୍ୟବସ୍ଥା କରିଥିବା ବେଳେ ତାହା କେଉଁଠି କାର୍ଯ୍ୟକାରୀ ହେଉଛି ତ ଆଉ କେଉଁଠି ଆଜି ପର୍ଯ୍ୟନ୍ତ ସୁବିଧା ପହଞ୍ଚି ପାରିନାହିଁ । ଏମିତି ଅବ୍ୟବସ୍ଥାରେ ଚାଲୁଥିବା





ପିଣ୍ଡାଙ୍ଗୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି।

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ପାହି ରାଜୁ ପଞ୍ଚାୟତ ଅନ୍ତର୍ଗତ ପିଣ୍ଡାଙ୍ଗି ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ। ପିଣ୍ଡାଙ୍ଗୀ ଗ୍ରାମ ରେ ସର୍ବ ମୋଟ ୯୦ ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି। ଏହି ପିଣ୍ଡାଙ୍ଗୀ ଅଙ୍ଗନବାଡ଼ି କେନ୍ଦ୍ରରେ ୧୫ ଜଣ କୋମଳ ମତି ଶିଶୁ ଓ ବିଦ୍ୟାଳୟରେ ୨୫ ଜଣ ଛାତ୍ରଛାତ୍ରୀ ମାନେ ପାଠ ପଢୁଛନ୍ତି। ପ୍ରଶାସନ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତୀୟ ପିଠ,ପାଚେରୀ, ରୋଷେଇ ଗୃହ, ବିଦ୍ୟୁତ ଓ ପାନୀୟ ଜଳ ନଥିବାବେଳେ ସେପଟେ ଦେଖିବାକୁ ମିଳିଛି ଯେ ଅଙ୍ଗନବାଡ଼ି କେନ୍ଦ୍ର ଘର କାନ୍ଥ ଭାଙ୍ଗିବା ଇଟା ବାହାରି ପଡୁଛି। ଓଡ଼ିଶା ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଅଙ୍ଗନବାଡ଼ି କେନ୍ଦ୍ରରକୁ ପୁନରୁଦ୍ଧାର କଲେ କୋମଳ ମତି ଶିଶୁ ଛାତ୍ରଛାତ୍ରୀ ମାନେ ମୃତ୍ୟୁ ମୁଖରୁ ରୁ ବଞ୍ଚି ଯିବେ । ବହୁଥର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ସ□େ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ପିଣ୍ଡାଙ୍ଗୀ ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ ଦେଇ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପିଣ୍ଡାଙ୍ଗୀ ୪ସାହିର ଗ୍ରାମର ଲୋକମାନେ ଅଭିଯୋଗ ଆଣିଛନ୍ତି। ଅଭିଯୋଗ କାରି ହେଲେ ଶ୍ରୀଧର ସାହୁ,ରାଙ୍ଗା କହଁର,ଦିଶୁ କହଁର ,ପ୍ରଦିପ ଦିଗାଲ, ନାରାୟଣ ସାହୁ,ଲିଲିମା କହଁର,ପିଉକ କହଁର, ସୁମିତ୍ରା କହଁର, ରାଘବ ନାଗ, ବାବୁଲା ରଣା,ଗାଣ୍ଡୁ ଦିଗାଲ, ଅଚ୍ୟୁତ ନାଗ, ଖଗେଶ୍ୱର ରଣା ସମେତ ଗ୍ରାମ ବାସି ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ପ୍ରଶାସନ କେବେଏହି ସମସ୍ୟା ର ସମାଧାନ କରିପାରିବେ ।

## ଦୁନିଆ କ'ଣ ବୁଝିବାର ବୟସ ହୋଇନି କିନ୍ତୁ ପୌରାଣିକ ଗୀତିନାଟ୍ୟକୁ ନିଜର ନିଖୁଣ ଅଭିନୟ ମାଧ୍ୟମରେ ଲୋକଙ୍କୁ ବାନ୍ଧି ରଖନ୍ତି ବାଦଲ୍-ବର୍ଷା

ନୟାଗଡ଼ ( ମହାଭାରତ ) : ଚାଲିଛି ଚୈତ୍ର ମାସ। ନୟାଗଡ଼ ରେ ମା ଦଣ୍ଡକାଳୀ ର ଚାଲିଛି ଦଣ୍ଡପର୍ବ। ଚଳିତ ବର୍ଷ ଦଣ୍ଡ ନୃତ୍ୟ ବି ନିଆରା ଦେଖୁବା ମିଳିଛି।ଦୋଳ ପୂର୍ଣ୍ଣମା ଠାରୁ ଆରମ୍ଭ କରି ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି ଦଣ୍ଡପର୍ବ ଚିଲେ । ଏହି ଦିନ ଆସିଲେ ପ୍ରତ୍ୟେକ ଦଣ୍ଡୁଆ ଭକ୍ତ ମାନେ ଏକ ମାସ ଧରି ପିଆଜ ରସୁଣ ଆମିଷ ତ୍ୟାଗ କରିଥାନ୍ତି ଓ ମା ଦଣ୍ଡକାଳୀ ଙ୍କୁ ଧରି ବିଭିଭ ଗାଁ କୁ ଯାନ୍ତି। ନୟାଗଡ଼ ବ୍ଲକ୍ ସଠିଆପଲ୍ଲି ଗ୍ରାମରେ ଦେଖିବାକୁ ମିଳିଛି ନିଆରା ଦଣ୍ଡଯାତ୍ରା। ଚୈତ୍ର ମାସ ଆସିଲେ ଏହି ଗାଁ ର ପ୍ରତ୍ୟେକ ଘରେ ପିଆଜ, ରସୁଣ, ଆମିଷ ବର୍ଜନ କରିଛନ୍ତି ପୁରା ଏକ ମାସ। ଦଣ୍ଡୁଆ ଭକ୍ତ ମାନେ କେବଳ ଗୋଟିଏ ଥର ପଣା ସାରନ୍ତି। ଚଳିତ ବର୍ଷ ଏଥର ସଠିଆପଲ୍ଲୀ ଗ୍ରାମ ର ଦଣ୍ଡୁଆ



ଭକ୍ତ ମାନେ ମା ଦଣ୍ଡକାଳୀ ଙ୍କୁ ୨୧ ଦିନ ଧରି ଗାଁ ଗାଁ ପରିଭ୍ରମଣ କରୁଛନ୍ତି। କିନ୍ତୁ ଏଠି ଆମେ କହୁନୁ କେବଳ ଦଣ୍ଡୁଆ ଭକ୍ତଙ୍କ କଥା।ଏହି ସଠିଆପଲ୍ଲି ଗାଁ ର କେବଳ ଦଣ୍ଡଯାତ୍ରା ନୁହେଁ ବରଂ ଦଣ୍ଡନୃତ୍ୟ ବି ଏଠି ଏକ ନିଆରା । ସଠିଆପଲ୍ଲି ଗାଁ ର ଦଣ୍ଡନୃତ୍ୟ ରେ ଶିବ-ପାର୍ବତୀ ଆଭିନୟ କରୁଛନ୍ତି ଦୁଇ କୁନି କୁନି ଶିଶୁ କଳାକାର। ସଠିଆପଲ୍ଲି ଗ୍ରାମର କାହ୍ନୁଚରଣ ସ୍ୱାଇଁ ଙ୍କ ପୁଅ ଗୁରୁପ୍ରସାଦ ସ୍ୱାଇଁ ( ବାଦଲ ) ଯାହାଙ୍କ ବୟସ ମାତ୍ର ୯ ବର୍ଷ, ସେ ତୃତୀୟ ଶ୍ରେଣୀ ର ଛାତ୍ର ହୋଇଥିବା ବେଳେ ଶିବ ଭୂମିକାରେ ଅଭିନୟ କରିଥାନ୍ତି। ସେହିପରି ମୁରଲୀଧର ସ୍ୱାଇଁ ଙ୍କ ଝିଅ ସୁହାନି ପ୍ରିୟଦର୍ଶିନୀ ( ବର୍ଷା ) ଯାହାଙ୍କ ବୟସ ବି ୮ ବର୍ଷ ସେବି ତୃତୀୟ ଶ୍ରେଣୀର ଛାତ୍ରୀ ଅଟନ୍ତିୟ ସେ ପାର୍ବତୀ ଭୂମିକା ରେ ଅଭିନୟ କରନ୍ତି ୟ ଏ ତେ କମ୍ ବୟସ ରୁ ଏତେ ସୁନ୍ଦର ନିଖୁଣ ଶିବ ଓ ପାର୍ବତୀ ଙ୍କ ଅଭିନୟ କରନ୍ତି ଯେ ଯେଉଁଠି ନୃତ୍ୟ ପରିବେଷଣ ହେଉଥିବ ବହୁ ଦୂର ଦୂରାନ୍ତରୁ ଲୋକ ଆସନ୍ତି କେବଳ ବାଦଲ୍ ଓ ବର୍ଷା ଙ୍କ ଶିବ-ପାର୍ବତୀ ଙ୍କ ଅଭିନୟ ଦେଖିବା ପାଇଁୟ ସଠିଆପଲ୍ଲି ର ବାବା ବାଲୁଙ୍କେଶ୍ୱର ମା ଦଣ୍ଡକାଳୀ ଙ୍କ ୨୧ଦିନିଆ ଯାତ୍ରା ଆରମ୍ଭହୋଇଥିବା ବେଳେ ଦଣ୍ଡନୃତ୍ୟ ବି ୨୧ଦିନ ପରିବେଷଣ ହୁଏ। ତେବେ ଏତେ କମ୍ ବୟସରୁ ପୁରା ୨୧ ଦିନ ଗୋଟିଏ ଥର ପଣା ପି ରାତି ସାରା ଅନିଦ୍ରା ରହି କରୁଛନ୍ତି ଶିବ-ପାର୍ବତୀ ଙ୍କ ଅଭିନୟ। ଏହାକୁ ଯିଏ ବି ଦେଖୁଛନ୍ତି ପୁରା ଆଶ୍ଚର୍ଯ୍ୟ ହୋଇ ପଡନ୍ତି। ବାଟୋଇଟିଏ ରାସ୍ତା ରେ ଗଲାବେଳେ ଯଦି ଦେଖିଦିଏ ଏହି କୁନି ଛୁଆ ଙ୍କ ନୃତ୍ୟ ପରିବେଷଣ ଅଟକି ଯାଏ ଆଉ ନୃତ୍ୟ କୁ ପୁରା ଶେଷ ପର୍ଯ୍ୟନ୍ତ ଉପଭୋଗ କରନ୍ତି । ବାଦଲ୍ ଙ୍କ ବାପା କାହ୍ନୁଚରଣ ପେଶାରେ ଭଲ ଫଟୋ ଓ ଭିଡିଓ ଗ୍ରାଫର୍ ହୋଇ ନୟାଗଡ଼ ଜିଲ୍ଲା ରେ ତାଙ୍କ ନାମ ବିଖ୍ୟାତ କରିଥିବା ବେଳେ ୯ ବର୍ଷ ବୟସରୁ ପୁଅ ବାଦଲ୍ ମଧ କଳା କ୍ଷେତ୍ରରେ ଖୁବ ନାମ ଅର୍ଜନ କଲେଣି। ଏଭଳି ଏହି କୁନି କୁନି ଶିଶୁଙ୍କ କଳା କୁ ଦେଖୁ ନୟାଗଡ଼ ବୁଦ୍ଧିଜୀବୀ ମହଲରେ ବାଦଲ୍ ଓ ବର୍ଷା ଙ୍କ ପାଇଁ ଶୁଭେଚ୍ଛା ର ସୁଅ ଛୁଟି ଆସିଛି। ବୁଦ୍ଧିଜୀବୀ ଙ୍କ ମତରେ ଏତେ କମ୍ ବୟସରୁ ଏହି ଦୁଇ ଭାଇଭଉଣୀ ଯେପରି ପୌରାଣିକ ଗୀତିନାଟ୍ୟ କୁ ଲୋକ ଲୋଚନରେ ପରିବେଷଣ କରୁଛନ୍ତି ତାଙ୍କ ନିଖୁଣ ଅଭିନୟ ମାଧ୍ୟମରେ ଏହା ପ୍ରତ୍ୟେକ ଶୁଶୁ ଙ୍କ ପାଇଁ ପ୍ରେରଣା।

## ହୋ ଭାଷା ୱାରାଙ୍ଗଚିତୀ ଲିପି ରେ ୪୫ ଟି କେନ୍ଦ୍ର ରେ ୨୨୪୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଲେ

କରଞ୍ଜିଆ,/(ମହାଭାରତ) ଟାଟା ଷ୍ଟିଲ ପାଉଣ୍ଡେସନ ଜାମସେଦପୁର ଓ ବୀର ର୍ବିସା ମୁଣ୍ଡା ଟ୍ରଷ୍ଟ ଓଡିଶା ମିଳିତ ଉଦ୍ୟମରେ ଓଡ଼ିଶାର ମୟୁରଭଞ୍ଜ, କେଉଁଝର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ କଟକ ଜିଲ୍ଲାରେ ୪୫ ଗୋଟି ପରୀକ୍ଷା କେନ୍ଦ୍ର ରେ ସର୍ବମୋଟ ୨୨୪୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ । ହୋ ଭାଷାର ଲିପି ୱାରାଂଚିତି ପ୍ରଚାର ପ୍ରସାର ନିମନ୍ତେ ଶିକ୍ଷିତ ଜନଜାତି ଯୁବକ ଯୁବତୀ ଆଜି ଏହି ହୋ ଭାଷାରେ ପରୀକ୍ଷା ଦେଇଛନ୍ତି. ଏଥିରେ ପ୍ରାଇମେରୀ ରେ ୧୫୯୦, ବେସିକ ରେ ୫୩୦ ଏବଂ ଆଡ଼ଭାନ୍ସରେ ୧୨୦ ପରୀକ୍ଷାତ୍ରୀ ଭାଗ ନେଇଥିଲେ. ଉକ୍ତ ପରୀକ୍ଷା କେନ୍ଦ୍ର ଗୁଡିକ ପରିଦର୍ଶନରେ ବୀର ର୍ବିସା ମୁଣ୍ଡା ହୋ ଛାତ୍ର ସଂଘଠନର ପ୍ରତିଷ୍ଠାତା ଶ୍ରୀ ବାଗୁନ ସିଂ ଜାରିକା, ବୀର ର୍ବିସା ମୁଣ୍ଡା ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀ ଗଣେଶ୍ୱର ଗାଗରାଇ, ତୁରତୁଙ୍ଗ ପ୍ରକଳ୍ପର କରଞ୍ଜିଆ ଡିଭିଜନ ସଂଯୋଜକ ଶ୍ରୀ ଗୌରାଙ୍ଗ ବାନ୍ଧିଆ,ଉଦଳା ଡିଭିଜନ ଶ୍ରୀ ରଜତ କୁମାର ସିଂ, ଖୋର୍ଦ୍ଧା ଡିଭିଜନ ଶ୍ରୀ ମାନସ ରଞ୍ଜନ ପୂର୍ତ୍ତୀ, ରାଉରକେଲା ଡିଭିଜନ କୁନା କଣ୍ଡ୍ୟୋଙ୍ଗ,ରାଇରଙ୍ଗପୁର ଡିଭିଜନ ଶ୍ରୀମତୀ ହୀରାମଣି ହେମ୍ବ୍ରମ, ବିଶୋଇ ଡିଭିଜନ ଶ୍ରୀମତୀ ପୂଜା ଗଡସର, ବଣେଇ ଡିଭିଜନ ବଳରାମ ପୂର୍ତୀ ଙ୍କ ତାବଦନରେ ଶାନ୍ତି ପୂର୍ଣ୍ଣ ଓ ସଫଳତାର ସହିତ ଶେଷ ହୋଇ ଅଛି ।

## ଭାଟିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ

ଗୋଲାମୁଣ୍ଡା. ( ମହାଭାରତ) ଗୋଲାମୁଣ୍ଡା ବ୍ଲକ କେଗାଁ ଆ□ଳିକ ସାଧନ କେନ୍ଦ୍ର ଅଧୀନରେ ଥିବା ଭାଟିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଧୁମ ଧାମ ରେ ପାଳିତ ହୋଇଯାଇଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଗୋଲମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ ଯୋଗଦେଇଥିଲେୟତ୍ ସହିତ ଶିକ୍ଷା ଅଧିକାରିଣୀ ଲିନା ଦାସ, ମହାଲିଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେଶ ନାଏକ, କେଗାଁ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଖିରୋଦ ସାହୁ, କେଗାଁ ଅଞ୍ଚ□ଲ୍ଲିକ ସାଧନ କେନ୍ଦ୍ର ସଂଯୋଜକ ରଙ୍ଗାଧର ଛତ୍ରିଆ ,ବରିଷ୍ଠ ଶିକ୍ଷକ କାହ୍ନୁ ସିଙ୍ଗ ମହାଲିଙ୍ଗ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ସୁଦର୍ଶନ ପଟେଲ ,ଶିକ୍ଷୟତ୍ରୀ ସୌଭାଗ୍ୟ ସାହୁ ତଥା ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଏନ୍.ଏଚ ୧୬, ୫୩ ଓ ୨୦ ରେ ମାଲ ପରିବହନକାରୀ ଯାନବାହନର ଅନଧିକୃତ ପାର୍କିଂ ନିମନ୍ତେ କଟକଣା

ବଡ଼ଚଣା, (ମହାଭାରତ )ତା ୦୩.୦୪.୨୦୨୫ ରିଖ : ଏନ୍.ଏଚ ୧୬, ଏନ୍.ଏଚ ୫୩, ଏନ୍. ଏଚ ୨୦ ର ମୁଖ୍ୟ ପରିବହନ ରାସ୍ତାରେ ସମସ୍ତ ମାଲ ପରିବହନକାରୀ ଯାନବାହାନର ଅନଧିକୃତ ପାର୍କିଂ ଅତ୍ୟାବଶ୍ୟକୀୟ ଯାନବାହାନର ଅବାଧ ଚଳାଚଳକୁ ବାଧା ଦେଉଥିବାରୁ ଏବଂ ବହୁ ମାତ୍ରାରେ ସଡ଼କ ଦୁର୍ଘଟଣାର ସମ୍ଭାବନା ରହୁଥିବାରୁ ସାଧାରଣ ଜନତାଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ତଥା ଅଧକ୍ଷା, ଆର.ଟି.ଏ , ଯାଜପୁର ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଓଡ଼ିଶା ମଟର ଯାନ ଅଧିନିୟମ, ୧୯୯୩ ର ପ୍ରଦ□ ଧାରା ୬୩, ୯୩ ଏବଂ ମୋଟର ଯାନ ଅଧିନିୟମ, ୧୯୮୮ ଧାରା ୧୧୫,୧୬,୧୧୭ ଅନୁଯାୟୀ ଏନ୍.ଏଚ ୧୬ (ସଠିପୁର ରୁ ନେଲିଆ) ଏନ୍.ଏଚ ୫୩ (ବାଲିଚନ୍ଦ୍ରପୁର ରୁ ଡୁବୁରୀ) ଏବଂ ଏନ୍.ଏଚ ୨୦ (ପାଣିକୋଇଲି ଛକରୁ ରଗଡ଼ି ଛକ) ର ମୁଖ୍ୟ ପରିବହନ ରାସ୍ତାରେ ସମସ୍ତ ମାଲବାହୀ ଗାଡ଼ିର ଅନଧିକୃତ ପାର୍କିଂକୁ ପ୍ରତିବନ୍ଧିତ କରିଛନ୍ତି। ଏହି ପ୍ରତିବନ୍ଧକ ତା ୦୧.୦୪.୨୦୨୫ ରିଖ ଠାରୁ ଆରମ୍ଭ ହୋଇ ତା ୩୦.୦୪.୨୦୨୫ ରିଖ (ଏକ ମାସ ପର୍ଯ୍ୟନ୍ତ) ଲାଗୁ ରହିବ।



## ପୋଲିସ କୁ ବୁଲାଇଲେ ଚକା ଭଉଁରୀ ଖେଳ ଖେଳାଇଲେ ବାଲି ମାଫିଆ

କପ୍ତିପଦା/ଉଦଳା -(ମହାଭାରତ ): କପ୍ତିପଦା /ଉଦଳା - ଖବର ପାଇ ପହଁଚିଲା ପୋଲିସ। ପୋଲିସ ବାଲିଘାଟରେ ପହଞ୍ଚି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସମୟରେ ଟ୍ରାକ୍ଟର କୁ ଖସାଇ ନେଲେ ବାଲି ମାଫିଆ। ଯାହା ପରେ ପୋଲିସକୁ ନାକେଦମ କରିବା ସହିତ ପୋଲିସ କୁ ୨୦ କିଲୋମିଟରରୁ ଊର୍ଦ୍ଧ୍ୱ ବୁଲାଇଲେ ଚକା ଭଉଁରୀ। ଏଭଳି ଘଟଣା ଘଟିଛି ଖୁଣ୍ଟାଥାନା ଚିଲିମା ଗ୍ରାମରେ। ଚିଲିମା ଗ୍ରାମ ଦେଇ ପ୍ରବାହିତ ନଦୀରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବେନିୟମ ଭାବେ ଚୋରା ଚାଲାଣ ପାଇଁ ଏକ ଟ୍ରାକ୍ଟରରେ ବାଲି ବୋଝେଇ ହୋଇଥିବା ଦେଖି ଟ୍ରାକ୍ଟର କୁ ଜବତ କରିଥିଲେ।ଗାଡିଟିକୁ ଜବତ କରିବା ପରେ ବାଲି ମାଫିଆ ତଥା ଟ୍ରାକ୍ଟର ମାଲିକ ପହଞ୍ଚି ଟ୍ରାକ୍ଟର ସାଇଡ କରିବା ବାହାନାରେ ବାଲି ବୋଝେଇ ଟ୍ରାକ୍ଟର ନେଇ ଚମ୍ପଟ ମାରିଥିଲେୟ ଯାହାକି ପୋଲିସ ଟ୍ରାକ୍ଟର ର ପିଛା କରିଥିବା ବେଳେ ବାଲି ମାଫିଆ ପୋଲିସକୁ ପ୍ରାୟ ୨୦ କିଲୋମିଟରରୁ ଅଧିକ ରାସ୍ତା ବୁଲାଇ ଗୋଟିଏ ଗାଁ ରୁ ଅନ୍ୟ ଗାଁ କୁ ପଶିବା ସହିତ ଲ ରାସ୍ତାରେ ମଧ ଗାଡି ନେଇ ଖସି ଯିବାକୁ ଚେଷ୍ଟା କରିଥିଲା। ପୋଲିସକୁ ୨୦ କିଲୋମିଟର ରୁ ଅଧିକ ରାସ୍ତା ନାକେଦମ କରି ଚକା ଭଉଁରୀ ବୁଲାଇବା ପରେ ଶେଷରେ ସେହି ଚିଲିମା ଗ୍ରାମ ନିକଟରେ ପୋଲିସ ହାବୁଡ଼ରେ ପଡିବା ଡରରେ ମାଫିଆ ଟ୍ରାକ୍ଟର ଛାଡି ଫେରାର ହୋଇଯାଇଥିଲାୟ ଯାହା ପରେ ପୋଲିସ ଟ୍ରାକ୍ଟର କୁ ଜବତ କରି ଥାନାକୁ ଆଣିଛି। ହେଲେ ଟ୍ରାକ୍ଟର ର କୌଣସି ନମ୍ବର ନାହିଁ ଅର୍ଥାତ ଟ୍ରାକ୍ଟର ଟି ବିନା ନମ୍ବରରେ ଚାଲୁଥିଲା।

## ଧନେଶ୍ୱର ନିଜ ହାତରେ ଗଢି ତୋଳୁଛନ୍ତି ଖୋଳ ମୃଦଙ୍ଗ

ଦାନଗଦି: (ମହାଭାରତ) ଦାନଗଦି ବ୍ଲକ ଚିତ୍ରି ଚିତ୍ରି ପଂଚାୟତ ଧନେଶ୍ୱର ଦାସଙ୍କ ହାତ ଗଢା ବାଦ୍ୟ ଯନ୍ତ୍ର ଯାଏ ରାଜ୍ୟର ଭୁଭିନ୍ୟ ଜିଲ୍ଲାକୁ। ସେହି ପରିବାର ଆଜି ଅବହେଳିତ ।ଯାହାଙ୍କ କଳା ମାଧ୍ୟମରେ ରାଜ୍ୟ ଓ ଦେଶ ବିଦେଶରେ ପରିଚୟ ଗଢିଉଠିଛି ଆଜି ସେଇ କଳା ଏବଂ କୌଳିକ ବୃତ୍ତି କୁ ନିଜର ପରିବାର ରେ ଆଜିବି ବଞ୍ଚେଇ ରଖିଛନ୍ତି ଧାନେଶ୍ୱରଙ୍କ ପରିବାର। ଦାନଗଦି ବ୍ଲକ ଚିତ୍ରୀ ପଂଚାୟତ ମାନପୁର ଗ୍ରାମର ଧନେଶ୍ୱର ଦାସ ଓ ତାଙ୍କ ଭାଇ



ଶ୍ରିହରି ଦାସ ନିଜ ହାତରେ ଗଢି ତୋଳୁଥିବା ମୃଦଙ୍ଗ,ଖୋଳ, ଲାଲ୍, ଦୁବି ତବଲା , ଭଳି ଅନେକ ବାଦ୍ୟକାରି ସାରଞ୍ଜାମ ବାଦ୍ୟ ଯାଜପୁର ଢେଙ୍କାନାଳ ପାରାଦୀପ ଅନେକ ଜିଲ୍ଲା ରୁ ପାଲା ବାୟକ୍ ମାନେ ଏଇଠୁ କିଣିନିଅନ୍ତି ନିଜ ପସନ୍ଦର ଖୋଳ ବଦ୍ୟକାରୀ ସାରଞ୍ଜାମ୍ୟ , ପଚାଶ ବର୍ଷରୁ ଉର୍ଦ୍ଧ ଏହି କଳାକୁ ଆଜିବି ବଞ୍ଚାଇ ରଖିଛନ୍ତି ଧନେଶ୍ୱର ଧାସଙ୍କ ପରିବାର,ସେ କୁହନ୍ତି ବାପା ଗୋଷାପା ଅମଳରୁ ଏହି କୌଳିକ ବୃତ୍ତି କରିଆସୁଥିବା କୌଣସି ପ୍ରକାର ସରକାରୀ ସୁବିଧାରେ ଅନ୍ତର୍ଭୁକ୍ତ ହୋଇପାରିନଥିବାବେଳେ ଦୁଃଖର ସହ ପ୍ରକାଶକରି କୁହନ୍ତି ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସହାୟତା କି ପ୍ରୋତ୍ସାହନ ପାଇପରୁନାହୁଁ, ଇଲେକ୍ସନ ଆସିଲେ ନେତା ମନ୍ତ୍ରୀ ସଭିଏଁ ଧାଇଁ ଆସନ୍ତି ସବୁ କିଛି ସୁବିଧା କରିଦେବୁ କୁହନ୍ତି ହେଲେ ଇଲେକ୍ସନ ସରିଗଲେ କିଏବା ପଚାଏ । ରହିବା ପାଇଁ ଭଲ ଘର ଟିଏବି ମିଳିପାରିଲା ନାହିଁ, ସରକାରଙ୍କ ପକ୍ଷରୁ ଆବାସ ଖଣ୍ଡେ ମିଳିଲେ ଭଲରେ ରହିପାରନ୍ତୁ ବୋଲି ଗୁହାରି କରି କହିଛନ୍ତି ଧନେଶ୍ୱର ,

## କଳାହାଣ୍ଡି ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ - ୨୦୨୫ ଆୟୋଜିତ

କଳାହାଣ୍ଡି/ମହାଭାରତ : ଭବାନୀପାଟଣା(ମହାଭାରତ) ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ଶିଶୁ ବାଟିକା ଓ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ - ୨୦୨୫ ଆୟୋଜିତ ହୋଇଯାଇଛି । ଭବାନୀପାଟଣା ସହର ସ୍ଥିତ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନୀତ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଭବାନୀପାଟଣା ପ□ାୟତ ସମିତି ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଯୋଗ ଦେଇଥିଲେ। ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମଗ୍ର ଶିକ୍ଷା କଳାହାଣ୍ଡିର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡିଲେଶ୍ୱର ରଣାୟ ଏହି ଅବସରରେ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ୨୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେୟ ନୂତନ ଛାତ୍ରଛାତ୍ରୀଙ୍କୁ ଫୁଲ ଓ ତିଳକ ଦେଇ ସ୍ୱାଗତ କରାଯାଇଥିବା ବେଳେ ଜିଲ୍ଲାପାଳ ସେମାନଙ୍କୁ ସରକାରଙ୍କ ପ୍ରଦ□ କିଟ୍ ବ□ନ କରିଥିଲେୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନୀ ଷ୍କଲ୍ ପ୍ରଦର୍ଶିତ ହୋଇଥିଲ। ଜିଲ୍ଲାପାଳଙ୍କ ଦ୍ୱାରା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା।

## ଓକିଲ ସଂଘ ନିର୍ବାଚନ : ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ନବରଙ୍ଗପୁର,(ମହାଭାରତ)ନବରଙ୍ଗପୁର ଓକିଲ ସଂଘ ନିର୍ବାଚନରେ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଅଦାଲତ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସି ଏଚ୍ ବାବା ଯୁଗନ୍ଧର୍ ନୂତନ କର୍ମକର୍ତ୍ତା ମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ରମେଶ ଚନ୍ଦ୍ର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ତଥା ଜି ପି ଉମା ଶଙ୍କର ତ୍ରିପାଠୀ, ପୂର୍ବତନ ଉପ ସଭାପତି ହରି ନାରାୟଣ ବେହେରା, ପୂର୍ବତନ କୋଷାଧ୍ୟକ୍ଷ ଅନୀଲ ଦୀନବନ୍ଧୁ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନିର୍ବାଚନ ଅଧିକାରୀ ଶ୍ରୀ ଯୁଗନ୍ଧର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣେଇ ଥିଲେ। ପରିଷଦ ସଦସ୍ୟ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣେଇ ନବରଙ୍ଗପୁର ଓକିଲ ସଂଘର ଯେ କୌଣସି କାର୍ଯ୍ୟ ପାଇଁ ସେ ସର୍ବଦା ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୃତି ଦେଇଥିଲେ। ପରିଷଦର କର୍ପସ ଫଣ୍ଡ ସୁ ବିନିଯୋଗ ପାଇଁ ଓକିଲ ସଂଘ ନୂତନ କମିଟି ଗଠନ କରି





ଅସ୍ତ୍ରପ୍ରଚାର ଓ ଅନ୍ୟାନ୍ୟ ଅସୁବିଧା କ୍ଷେତ୍ରରେ ପାଣ୍ଠି ଯୋଗାଇଦେବାକୁ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେୟ ନୂତନ ସଭାପତି ସିରାଜ ଉଦ୍ଦିନ୍ ଅହମ୍ମଦ ନବରଙ୍ଗପୁର ଓକିଲ ସଂଘର ପୁରୁଣା ସ୍ମୃତି ଚାରଣ କରିବା ସହ ଆଇନଜୀବୀ ମାନେ ସର୍ବଦା ସେମାନଙ୍କର ସମ୍ମାନ ରକ୍ଷା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏହାସହ ବରିଷ୍ଠ କନିଷ୍ଠ ସମସ୍ତଙ୍କ ସହଯୋଗରେ ବାରର ମୌଳିକ ସମସ୍ୟାର ସମାଧାନ କରିବାକୁ ସେ ପ୍ରାଥମିକତା ଦେବେ ବୋଲି କହିଥିଲେୟ ସଭା କାର୍ଯ୍ୟ ପରେ ନବ ନିର୍ବାଚିତ ସଭାପତି ସିରାଜୁଦ୍ଦିନ ଅହମ୍ମଦ, ଉପ ସଭାପତି ସଦାଶିବ ସାହୁ , ସମ୍ପାଦକ ତପନ କୁମାର ସିଂ,କୋଷାଧକ୍ଷ ଶେଖ ବାବା ଅଲିଶା ଓ କାର୍ଯ୍ୟକାରୀ ସଦସ୍ୟ ଗଜେନ୍ଦ୍ର ଦାସଙ୍କୁ ଆଇନଜୀବୀ ମାନେ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ସହକାରୀ ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର ପଟ୍ଟନାୟକ ଓ ଆଇନଜୀବୀ ତାଜ ଇମରାନ ସରିଫ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପ୍ରସନ୍ତ ପଟ୍ଟନାୟକ, ଏଲ୍ କେ ମିଶ୍ର, ସୁନିଲ ସାହୁ, ଆଶିଷ ରଂଜନ ପଟ୍ଟନାୟକ, ସଚ୍ଚିଦାନନ୍ଦ ସ୍ୱାଇଁ, ବିରେନ୍ଦ୍ର ନାୟକ, ସୁବୋଧ ବେନିଆ, ମାନସ ତ୍ରିପାଠୀ, ମିନାକ୍ଷୀ ପାଢ଼ୀ, ସଞ୍ଜୟ ସୁନା, ସତୀଶ ନାୟକ, ଶ୍ୟାମ ପ୍ରସାଦ ମାଝୀ, ପ୍ରଶାନ୍ତ ପଟ୍ଟନାୟକ, ଗୋପାଳ ପାଣିଗ୍ରାହୀ, ଦିଗାମ୍ବର ପାଣିଗ୍ରାହୀ, ସରୋଜ ବେହେରା, ସିମା□ଳ ପାତ୍ର, ପ୍ରଫୁଲ୍ଲ ସିଂ, ଅମିତାଭ ତ୍ରିପାଠୀ, ପ୍ରଦୀପ ସାହୁ, ଶ୍ରୀକାନ୍ତ ପଣ୍ଡା, ଶ୍ରୀନିବାସ ପାତ୍ର, ଜାହିର ଖାଁ, ଉପେନ୍ଦ୍ର ବିଷୋୟୀ, ଅରୁଣ ନାୟକ, ଶତାବ୍ଦୀ ପାଳ, ସର୍ମିଷ୍ଠା ପଣ୍ଡା, ଅଜିତା ଦାସ, ତୁଳସୀ ଦେବୀ, ମନସା ତ୍ରିପାଠୀ, ଦ୍ୱାରିକା ମହାପାତ୍ର, କିଶୋର ନାଗ, ରାକ୍ଷୀ ଜୈନ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଧାର୍ମିକ ପ୍ରସଙ୍ଗଠାରୁ ଊର୍ଦ୍ଧ୍ୱରେ ସମ୍ପତ୍ତି ପରିଚାଳନା ଉପରେ ଆଧାରିତ ୱକଫ୍

ନୂଆଦିଲ୍ଲୀ,୪।୪(ମହାଭାରତ): ୱକଫ୍ ବ୍ୟବସ୍ଥା ଐତିହାସିକ ରୂପରେ ଧାର୍ମିକ ବନ୍ଦୋବସ୍ତ ହୋଇଥିବା ବେଳେ, ଭାରତୀୟ ଆଇନ ଅଧୀନରେ ଏହା ଏକ ସମ୍ପତ୍ତି ପରିଚାଳନା ୟୁନିଟ୍ ରୂପରେ କାମ କରିଥାଏ। ୱକଫଙ୍କୁ ନିୟନ୍ତ୍ରିତ କରୁଥିବା ଢାଂଚା, ନ୍ୟାୟିକ ନିଷ୍ପତ୍ତି ଏବଂ ପ୍ରଶାସନିକ ବ୍ୟବସ୍ଥା ଏହାର ଧର୍ମନିରପେକ୍ଷ ଭାବନା ଉପରେ ଆଲୋକପାତ କରିଥାଏ। ୱକଫ୍ ପରିଚାଳନାରେ ରହିଥିବା ସମସ୍ୟାକୁ ସମାଧାନ କରିବା ଲାଗି ବ୍ୟବସ୍ଥିତ ସଂସ୍କାରର ଆବଶ୍ୟକତା ରହିଛି । ୱକଫ୍ (ସଂଶୋଧନ) ବିଲ୍ ୨୦୨୫ରେ ଏହି ସଂସ୍କାର ଆଣିବାର ବ୍ୟବସ୍ଥା ରହିଛି । ସଂଶୋଧିତ ଆଇନ ପାରଦର୍ଶିତା, ଉତ୍ତରଦାୟିତ୍ୱ ଏବଂ ଆଇନଗତ ନିରୀକ୍ଷଣ ସୁନିଶ୍ଚିତ କରିବ, ୱକଫ୍ ସମ୍ପତ୍ତି ଅଣ-ମୁସଲମାନ ଏବଂ ଅନ୍ୟ ଅଂଶୀଦାରମାନଙ୍କର ଅଧିକାରକୁ ଉଲ୍ଲଂଘନ ନକରି ନିଜର ଧାର୍ମିକ ଉଦ୍ଦେଶ୍ୟ ପୂରଣ କରିପାରିବ।

ଭାରତରେ ୱକଫ ବ୍ୟବସ୍ଥାକୁ ଦୀର୍ଘ ଦିନ ଧରି ଧାର୍ମିକ ଦୃଷ୍ଟିକୋଣରୁ ଦେଖାଯାଉଛି। ତଥାପି, ଆଇନଗତ ବ୍ୟବସ୍ଥା, ନ୍ୟାୟିକ ବ୍ୟାଖ୍ୟା ଏବଂ ନୀତିଗତ ବିକାଶର ଏକ ଘନିଷ୍ଠ ଯାଂଚ ଏହା ସ୍ପଷ୍ଟ କରେ ଯେ ୱକଫ୍ ମୁଖ୍ୟତଃ ଧାର୍ମିକ ପ୍ରଥା ପରିବର୍ତ୍ତେ ସମ୍ପତ୍ତି ପରିଚାଳନା, ପ୍ରଶାସନ ଏବଂ ଶାସନ ସହ ଜଡ଼ିତ ବିଷୟ। ପରବର୍ତ୍ତୀ ସଂଶୋଧନ ସହିତ ୱକଫ ଅଧିନିୟମ, ୧୯୯୫, ୱକଫ ସମ୍ପତ୍ତିର ନିୟନ୍ତ୍ରଣ, ସେଗୁଡ଼ିକର ଉପଯୁକ୍ତ ପ୍ରଶାସନ ଏବଂ ଉପଯୋଗ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇଥାଏ। ୱକଫ ଅଧିନିୟମ, ୧୯୯୫ ୱକଫକୁ ଇସଲାମୀୟ ଆଇନ ଦ୍ୱାରା ପବିତ୍ର, ଧାର୍ମିକ କିମ୍ବା ଦାତବ୍ୟ ଭାବରେ ସ୍ୱୀକୃତିପ୍ରାପ୍ତ ଉଦ୍ଦେଶ୍ୟରେ ଜଣେ ମୁସଲମାନ ବ୍ୟକ୍ତିଙ୍କ ଦ୍ୱାରା ସ୍ଥାବର କିମ୍ବା ଅସ୍ଥାବର ସମ୍ପତ୍ତିର ସ୍ଥାୟୀ ଉତ୍ସର୍ଗ ଭାବରେ ବ୍ୟାଖ୍ୟା କରେ। ତଥାପି, ୱକଫର ପ୍ରମୁଖ ଦିଗ ଏହାର ଧାର୍ମିକ ଅର୍ଥରେ ନୁହେଁ ବରଂ ଏହାର ସମ୍ପତ୍ତି-କୈନ୍ଦ୍ରିକ ପ୍ରଶାସନରେ ରହିଛି।

ୱକଫ ଆଇନର ଧାରା ୯୬ ସ୍ପଷ୍ଟ ଭାବରେ କେନ୍ଦ୍ର ସରକାରଙ୍କୁ ସାମାଜିକ, ଆର୍ଥିକ, ଶିକ୍ଷାଗତ ଏବଂ କଲ୍ୟାଣମୂଳକ ପ୍ରସଙ୍ଗରେ ୱକଫ ଅନୁଷ୍ଠାନଗୁଡ଼ିକର ଧର୍ମନିରପେକ୍ଷ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ କ୍ଷମତା ପ୍ରଦାନ କରେ। କେନ୍ଦ୍ରୀୟ ୱକଫ ପରିଷଦ (ସିଡବ୍ଲ୍ୟୁସି) ଏବଂ ରାଜ୍ୟ ୱକଫ ବୋର୍ଡ (ଏସଡବ୍ଲ୍ୟୁବି) ସଂରକ୍ଷକ ଏବଂ ନିୟାମକ ଭାବରେ କାର୍ଯ୍ୟ କରନ୍ତି, ଯାହା ୱକଫ ପରିଚାଳନାରେ ସ୍ୱଚ୍ଛତା ଏବଂ ଆଇନଗତ ଅନୁପାଳନ ନିଶ୍ଚିତ କରେ। ୱକଫ ସମ୍ପତ୍ତିର ପରିଚାଳନା ଏକ ଧର୍ମନିରପେକ୍ଷ କାର୍ଯ୍ୟ, ଯାହା ଧାର୍ମିକ ପ୍ରଥାଠାରୁ ଭିନ୍ନ ବୋଲି ଭାରତୀୟ ଅଦାଲତମାନେ କ୍ରମାଗତ ଭାବରେ ଗୁରୁତ୍ୱାରୋପ କରିଛନ୍ତି।

୧୯୯୩ର ସୟଦ ଫଜଲ ପୁକୋୟା ଥାଙ୍ଗଲ ବନାମ ଭାରତ ସଂଘ ମାମଲାରେ କେରଳ ହାଇକୋର୍ଟଙ୍କ ରାୟ ସ୍ପଷ୍ଟ କରିଛି ଯେ ୱକଫ ବୋର୍ଡ ଏକ ବୈଧାନିକ ସଂସ୍ଥା ଏବଂ ମୁସଲମାନ ସମ୍ପ୍ରଦାୟର ପ୍ରତିନିଧି ନୁହେଁ। ଏହାର ପ୍ରାଥମିକ କାର୍ଯ୍ୟ ହେଉଛି ୱକଫ ସମ୍ପତ୍ତିର ଉପଯୁକ୍ତ ପରିଚାଳନା ସୁନିଶ୍ଚିତ କରିବା। ହାଫିଜ୍ ମହମ୍ମଦ ଜାଫର ଅହମ୍ମଦ ବନାମ ୟୁପି ସେଣ୍ଟ୍ରାଲ୍ ସୁନ୍ନି ୱକଫ ବୋର୍ଡ (ଆହ୍ଲାବାଦ ହାଇକୋର୍ଟ) ମାମଲାରେ ଅଦାଲତ ରାୟ ଦେଇଛନ୍ତି ଯେ ୱକଫ ସମ୍ପତ୍ତିରେ ଜଣେ ମୁତାୱଲ୍ଲୀ (ୱକଫ ପ୍ରଶାସକ) ଙ୍କ କୌଣସି ମାଲିକାନା ସ୍ୱାର୍ଥ ନାହିଁ, ଯାହା ଦ୍ୱାରା ୱକଫ ପ୍ରଶାସନ ସମ୍ପୂର୍ଣ୍ଣ ଧର୍ମନିରପେକ୍ଷ ବୋଲି ନିଶ୍ଚିତ ହୋଇଛି। ତିଲକାୟତ ଶ୍ରୀ ଗୋବିନ୍ଦଲାଲଜୀ ମହାରାଜ ବନାମ ରାଜସ୍ଥାନ ସରକାର ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି ଯେ ମନ୍ଦିର ସମ୍ପତ୍ତିର ପରିଚାଳନା ଏକ ଧର୍ମନିରପେକ୍ଷ କାର୍ଯ୍ୟ, ଯାହା ୱକଫ ସମ୍ପତ୍ତି ପାଇଁ ଏକ ଦୃଷ୍ଟାନ୍ତ ସ୍ଥାପନ କରିଛି।

ଭାରତରେ ୱକଫ୍ ସମ୍ପତ୍ତିର କୁପରିଚାଳନା, ଜବରଦଖଲ ଏବଂ ପାରଦର୍ଶିତାର ଅଭାବ କାରଣରୁ ଅନେକ ଅନିୟମିତତା ଦେଖାଦେଇଛି । ପୋର୍ଟାଲ ତଥ୍ୟ ଅନୁଯାୟୀ, ୫୮,୮୯୮ ରୁ ଅଧିକ ୱକଫ ସମ୍ପତ୍ତି ଜବରଦଖଲରେ ଅଛି। ଅନେକ କ୍ଷେତ୍ରରେ ୱକଫ ଜମିର ଦୁରୁପଯୋଗ ଏବଂ ବେଆଇନ ଅଧିଗ୍ରହଣକୁ ଉଜାଗର କରିଥାଏ। ବିହାର ଗୋବିନ୍ଦପୁରରେ ଗତବର୍ଷ ଅଗଷ୍ଟ ମାସରେ ସୁନି ୱକଫ ବୋର୍ଡ ସମ୍ପୂର୍ଣ୍ଣ ଗାଁ ଉପରେ ମାଲିକାନା ଦାବି କରିଥିଲା। କେରଳରେ ଗତ ବର୍ଷ ସେପ୍ଟେମ୍ବର ୨୦୨୪ରେ ପ୍ରାୟ ୬୦୦ ଖ୍ରୀଷ୍ଟିଆନ ପରିବାର ସେମାନଙ୍କର ପୈତୃକ ଜମି ଉପରେ ୱକଫ ବୋର୍ଡର ଦାବିକୁ ବିରୋଧ କରିଥିଲେ। ସୁରଟ ନଗର ନିଗମ ମୁଖ୍ୟାଳୟକୁ ସରକାରୀ ଭବନ ହୋଇଥିବା ସତ୍ତ୍ୱେ ୱକଫ ସମ୍ପତ୍ତି ଘୋଷଣା କରାଯାଇଥିଲା।

ଅଣ-ମୁସଲମାନ ସମ୍ପତ୍ତିକୁ ସ୍ୱେଚ୍ଛାକୃତ ଭାବେ ୱକଫ ସମ୍ପତ୍ତି ଭାବେ ଘୋଷଣା କରାଯିବାର ଅନେକ ଉଦାହରଣ ରହିଛି, ଯାହା ଅନିୟନ୍ତ୍ରିତ ପ୍ରଶାସନିକ କ୍ଷମତା ବିଷୟରେ ଚିନ୍ତା ବଢ଼ାଇଛି। ତାମିଲନାଡୁ ୱକଫ ବୋର୍ଡ ସମଗ୍ର ତିରୁଚେନ୍ଦୁରାଇ ଗ୍ରାମ ଉପରେ ଦାବି କରିଥିଲା, ଯାହାଦ୍ୱାରା ବାସିନ୍ଦାଙ୍କ ସମ୍ପତ୍ତି ଅଧିକାର ପ୍ରଭାବିତ ହୋଇଥିଲା। ଉପଯୁକ୍ତ ଡକ୍ୟୁମେଣ୍ଟେସନ୍ ବିନା ୧୩୨ଟି ସଂରକ୍ଷିତ ସ୍ମାରକୀକୁ ୱକଫ ସମ୍ପତ୍ତି ଭାବରେ ଘୋଷଣା କରାଯାଇଥିଲା।

ଏହି ଆହ୍ୱାନଗୁଡ଼ିକୁ ସ୍ୱୀକାର କରି, ୱକଫ ପ୍ରଶାସନରେ ଅଧିକ ସ୍ପଷ୍ଟତା ଏବଂ ସ୍ୱଚ୍ଛତା ଆଣିବା ପାଇଁ ୱକଫ (ସଂଶୋଧନ) ବିଲ୍, ୨୦୨୫ ଉପସ୍ଥାପନ କରାଯାଇଥିଲା। ଧାରା ୪୦ର ଉଚ୍ଛେଦ, ଯାହା ୱକଫ ବୋର୍ଡକୁ କୌଣସି ସମ୍ପତ୍ତିକୁ ଏକତରଫା ଭାବେ ୱକଫ ଭାବେ ଘୋଷଣା କରିବାର ଅନୁମତି ଦେଇଥିଲା। ୱକଫ ରେକର୍ଡର ଡିଜିଟାଇଜେସନ୍, ଉତ୍ତମ ସମ୍ପତ୍ତି ଟ୍ରାକିଂକୁ ସକ୍ଷମ କରିବା ଏବଂ ବେଆଇନ ଦାବି ହ୍ରାସ କରିବା। ବିବାଦଗୁଡ଼ିକର ସମୟୋଚିତ ସମାଧାନ ସୁନିଶ୍ଚିତ କରିବା ଲାଗି ୱକଫ ଟ୍ରିବ୍ୟୁନାଲକୁ ସୁଦୃଢ଼ କରିବା। ଉତ୍ତରଦାୟିତ୍ୱ ବୃଦ୍ଧି କରିବା ଲାଗି ୱକଫ ବୋର୍ଡରେ ଅଣ-ମୁସଲମାନ ସଦସ୍ୟମାନଙ୍କୁ ସାମିଲ କରିବା।

# ଥାଇ ରାମାୟଣ ରାମକିୟେନର ମନମୋହକ ପ୍ରଦର୍ଶନ ଦେଖିଲେ ପ୍ରଧାନମନ୍ତ୍ରୀ






ନୂଆଦିଲ୍ଲୀ,୪।୪(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଥାଇଲ୍ୟାଣ୍ଡର ବ୍ୟାଙ୍କକରେ ଥାଇ ରାମାୟଣ, ରାମକିୟେନର ଏକ ସମୃଦ୍ଧ ପ୍ରଦର୍ଶନ ଦେଖିଛନ୍ତି । ଏହି ଅବସରରେ ସେ ଭାରତ ଏବଂ ଥାଇଲ୍ୟାଣ୍ଡ ମଧ୍ୟରେ ଗଭୀର ସାଂସ୍କୃତିକ ଏବଂ ସଭ୍ୟତାଗତ ସମ୍ବନ୍ଧର ପ୍ରଶଂସା କରିଛନ୍ତି।ଏକ୍ସରେ ପୃଥକ- ପୃଥକ ପୋଷ୍ଟରେ ସେ ଲେଖିଛନ୍ତି:

"ଏକ ସାଂସ୍କୃତିକ ସଂଯୋଗ ଯାହା ଅନ୍ୟ କୌଣସିଠାରୁ ମିଳେ ନାହିଁ!ଥାଇ ରାମାୟଣ ରାମକିୟେନର ଏକ ମନମୋହକ ପ୍ରଦର୍ଶନ ଦେଖିଲି । ଏହା ପ୍ରକୃତରେ ଏକ ସମୃଦ୍ଧ ଅଭିଜ୍ଞତା ଥିଲା, ଯାହା ଭାରତ ଏବଂ ଥାଇଲ୍ୟାଣ୍ଡ ମଧ୍ୟରେ ସହଭାଗୀ ସାଂସ୍କୃତିକ ଏବଂ ସଭ୍ୟତାଗତ ସମ୍ପର୍କକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରିଥିଲା । ରାମାୟଣ ପ୍ରକୃତରେ ଏସିଆର ଅନେକ କ୍ଷେତ୍ରରେ ହୃଦୟ ଏବଂ ପରମ୍ପରାକୁ ସଂଯୋଗ କରି ଚାଲିଛି ।"

# ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ କ୍ଷେତ୍ରରେ ୨୩୪୩ ଟାୱାର ଲାଗିବ

ନୂଆଦିଲ୍ଲୀ,୪।୪(ନି.ପ୍ର.): ରାଜ୍ୟସଭାରେ ଗୁରୁବାର ଦିନ ପ୍ରଶ୍ନକାଳ ସମୟରେ ସଂଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିୟା କହିଛନ୍ତି ଯେ ସରକାର ଉଗ୍ରବାଦ ପ୍ରଭାବିତ କ୍ଷେତ୍ରରେ ୨୩୪୩ ମୋବାଇଲ ଟାୱାର ଲଗାଯିବାର ଯୋଜନା କରିଛନ୍ତି। ଗୁରୁବାର ଦିନ ଏନ୍‌ସିପି ସାଂସଦ ପ୍ରଫୁଲ୍ଲ ପଟେଲ ଦ୍ୱାରା ନକ୍ସଲ ପ୍ରଭାବିତ କ୍ଷେତ୍ରରେ ୪ଜିରେ ଅପଗ୍ରେଡେଶନ ଏବଂ ବିଏସ୍‌ଏନ୍‌ଏଲ୍ ଟାବରୋର ବନ୍ଦ ହେବା ଉପରେ ଉଠାଇବା ଥିବା ଉପାୟ ଉପରେ ପଚରାଯିବା ଏକ ପ୍ରଶ୍ନର ଉତରରେ ସଂଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍. ସିନ୍ଧିୟା କହିଛନ୍ତି ଯେ ଡିଜିଟାଲ ଭାରତ ନିଧିରେ ଏକ କାର୍ଯ୍ୟକ୍ରମ କରାଯାଇଛି, ଯାହାଫଳରେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ କ୍ଷେତ୍ରରେ ୨୩୪୩ ଟାୱାରର ଯୋଜନା କରାଯାଇଛି।

ସେ କହିଛନ୍ତି ଯେ ଭବିଷ୍ୟତରେ ସେ ପୁଞ୍ଜିଗତ ବ୍ୟୟ ପାଇଁ ଏକ ଯୋଜନା କରିଛନ୍ତି, ଯେଉଁଥିରେ ବିଏସ୍‌ଏନ୍‌ଏଲର ୨.୫ ଲକ୍ଷ ଟାୱାର ପାଇଁ, ଯେଉଁଠାରେ ମଧ୍ୟ ଅପଗ୍ରେଡେଶନର ଆବଶ୍ୟକତା ହେବ, ପ୍ରଦାନ କରାଯିବ। ସେ କହିଛନ୍ତି ଯେ ଏଥିପାଇଁ ଅର୍ଥମନ୍ତ୍ରୀଙ୍କୁ ଫଣ୍ଡର ଦାବି କରିବୋ

# ସାର୍ବଜନୀନ ହେବ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ,୪।୪(ମହାଭାରତ):** ନିଜର ସବୁ ସମ୍ପତ୍ତିରୁ ସାର୍ବଜନୀନ କରିବେ ସର୍ବୋଚ୍ଚ ନ୍ୟାୟାଳୟର ୩୩ ଜଣ ବିଚାରପତି । ସ୍ୱଚ୍ଛତା ଏବଂ ନ୍ୟାୟପାଳିକା ପ୍ରତି ଉପରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ଏଭଳି ନିଷ୍ପତ୍ତି ଏଭଳି ନିଷ୍ପତ୍ତି ନେଇଛନ୍ତି ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟର ସରକାରୀ ୱେବସାଇଟରେ ଅପଲୋଡ୍ କରାଯିବ ସମ୍ପତ୍ତିର ତାଲିକା । ସୁପ୍ରିମକୋର୍ଟର ୩୩ ଜଣ ବିଚାରପତି ସେମାନଙ୍କର ସମ୍ପତ୍ତିର ବିବରଣୀ ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏପ୍ରିଲ ୧ରେ ଅନୁଷ୍ଠିତ ପୂର୍ଣ୍ଣ-କୋର୍ଟ ବୈଠକରେ, ବିଚାରପତିମାନେ ଭାରତର ମୁଖ୍ୟ ବିଚାରପତିଙ୍କ ନିକଟରେ ସେମାନଙ୍କର ସମ୍ପତ୍ତି ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ



ଘୋଷଣାଗୁଡ଼ିକୁ ସୁପ୍ରିମକୋର୍ଟର ସରକାରୀ ୱେବସାଇଟରେ ଅପଲୋଡ୍ କରାଯିବ ବୋଲି ଜଣାପଡ଼ିଛି । ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ସୂଚନା ଖୁବ୍ ଶୀଘ୍ର ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ । ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବରେ କାର୍ଯ୍ୟ କରୁଥିବା ସମୟରେ ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ସରକାରୀ ପରିସରରେ ନଗଦ ଆବିଷ୍କାର ହୋଇଥିବା ଅଭିଯୋଗକୁ ନେଇ ବିବାଦ ପରେ ଏହି ନିଷ୍ପତ୍ତି ନିଆଯାଇଛି । କହିରଖୁ କି, ବିଚାରପତିଙ୍କ ସମ୍ପତ୍ତି ଘୋଷଣା ପ୍ରକାଶ କରିବା ପାଇଁ ନିର୍ଦ୍ଦିଷ୍ଟ ପଦ୍ଧତି ଯଥାସମ୍ଭବ ଚୂଡ଼ାନ୍ତ ହେବ । ବର୍ତ୍ତମାନ, ସୁପ୍ରିମକୋର୍ଟର ସମସ୍ତ ବିଚାରପତି ସେମାନଙ୍କର ସମ୍ପତ୍ତି ଘୋଷଣା ଦାଖଲ କରିଛନ୍ତି । ତଥାପି, ଏହି ଘୋଷଣାଗୁଡ଼ିକୁ ସାର୍ବଜନୀନ କରାଯାଇନାହିଁ। ପୂର୍ବରୁ, ୨୬ ଅଗଷ୍ଟ ୨୦୦୯ରେ ସୁପ୍ରିମକୋର୍ଟର ତତ୍କାଳୀନ ବିଚାରପତିମାନେ ସେମାନଙ୍କ ସମ୍ପତ୍ତିର ବିବରଣୀ ସାର୍ବଜନୀନ କରିଥିଲେ । ଏବେ ମଧ୍ୟ ବିଚାରପତିମାନେ ଏ ବିଷୟରେ ମୁଖ୍ୟ ବିଚାରପତିଙ୍କୁ ଅବଗତ କରାନ୍ତି, କିନ୍ତୁ ଏହାକୁ ସାର୍ବଜନୀନ କରାଯାଏ ନାହିଁ ।

## ମୋଦୀ ସରକାର ସମସ୍ତ ହିନ୍ଦୁ ଏବଂ ମୁସଲମାନଙ୍କୁ ସମାନ ଭାବରେ ବିକାଶର ଧାରା ପହଂଚାଇବା ସପକ୍ଷରେ: ରାଧାମୋହନ ଦାସ

ନୂଆଦିଲ୍ଲୀ,୪।୪(ମହାଭାରତ): ରାଜ୍ୟସଭାରେ ୱାକଫ ସଂଶୋଧନ ବିଲ୍ ଉପରେ ଆଲୋଚନା ସମୟରେ ବିଜେପି ସଦସ୍ୟ ଡକ୍ଟର ରାଧାମୋହନ ଦାସ ଅଗ୍ରୱାଲ କହିଥିଲେ ଯେ ମୋଦି ସରକାର ସମସ୍ତ ହିନ୍ଦୁ ଏବଂ ମୁସଲମାନଙ୍କୁ ସମାନ ଭାବରେ ବିକାଶର ପ୍ରବାହ ଯୋଗାଇବା ସପକ୍ଷରେ। ପ୍ରଧାନମନ୍ତ୍ରୀ ମୋଦି ଆମ ସମସ୍ତ ସାଂସଦଙ୍କୁ ସମସ୍ତଙ୍କ ପାଇଁ ବିକାଶ ଆଣିବାକୁ କହୁଛନ୍ତି।

ଅଗ୍ରୱାଲ କହିଛନ୍ତି ଯେ ହିନ୍ଦୁ ସମାଜରେ ସମୟ ସମୟରେ ସଂସ୍କାର ଆସିଛି। ଏହି ସତୀ ପ୍ରଥା, ବାଲ୍ୟବିବାହ, ବିଧବା ପୁନଃବିବାହ ସମ୍ପର୍କରେ ମଧ୍ୟ ଆଇନ ପାସ କରିଛି କିନ୍ତୁ ଆଜି ପର୍ଯ୍ୟନ୍ତ ମୁସଲିମ ସମାଜ ସହିତ ଜଡିତ ସଂସ୍କାର ପାଇଁ ଏହି ସଦନରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଏହି ପଦକ୍ଷେପ ନିଆଯାଉଛି ଏବଂ ଆମେ ଏହାକୁ ସ୍ୱାଗତ କରିବା ଉଚିତ।

ୱାକଫ୍ ବୋର୍ଡକୁ ଭୂମି ମାଫିଆ ପରି କାର୍ଯ୍ୟ କରୁଥିବା ଅଭିଯୋଗ କରି ସେ କହିଛନ୍ତି ଯେ ବ୍ୟବହାର ଆଧାରରେ ସମ୍ପତି ଘୋଷଣାର ଅପବ୍ୟବହାର କରାଯାଇଛି। ୱାକଫ ସମ୍ପତି ଦାନ କରାଯାଇଥିବା ଜମି, କିନ୍ତୁ ବ୍ୟବହାର ଆଧାରରେ ୱାକଫ ଭାବରେ ଘୋଷିତ କୌଣସି ସମ୍ପତି କାହା ଦ୍ୱାରା ଦାନ କରାଯାଇ ନାହିଁ।

# କଂଗ୍ରେସର ରାଷ୍ଟ୍ରିୟ ଅଧିବେଶନକୁ ନେଇ ପ୍ରସ୍ତୁତି ଜୋରଦାର୍

ଅହମଦାବାଦ,୪।୪(ମହାଭାରତ): ଗୁଜୁରାଟରେ ୬୪ ବର୍ଷ ପରେ ଆୟୋଜିତ ହେବାକୁ ଯାଉଥିବା କଂଗ୍ରେସର ରାଷ୍ଟ୍ରିୟ ଅଧିବେଶନକୁ ନେଇ ଜୋରଦାର୍ ପ୍ରସ୍ତୁତି ଚାଲିଛି । ଅହମଦାବାଦରେ କଂଗ୍ରେସର ଅଧିବେଶନ ଅପ୍ରେଲ ୮ ଓ ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ୮ ତାରିଖରେ ଅହମଦାବାଦର ସର୍ଦ୍ଦାର ପଟେଲ ସ୍ମାରକରେ କଂଗ୍ରେସ ୱାର୍କିଙ୍ଗ କମିଟି (ସିଡବ୍ଲୁସି)ର ମିଟିଂ ଅନୁଷ୍ଠିତ ହେବ । ୯ ତାରିଖରେ ସାବରମତୀ ରିଭରଫ୍ରଂଟ ଇଭେଂଟ ସେଂଟରର ୩ ବ୍ଲକ ରେ ବିଶାଳ ଏୟାରକଣ୍ଡିସନ ଜର୍ମନ ଡୋମ ରେ କଂଗ୍ରେସର ଅଧିବେଶନ ହେବ। ୧୯୬୧ ରେ ଭାବନଗର ପରେ ଏବେ ଗୁଜୁରାଟରେ କଂଗ୍ରେସର ରାଷ୍ଟ୍ରିୟ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି ।

ପାର୍ଟି ପ୍ରବକ୍ତା ମନୀଷ ଦୋଶିଙ୍କ ସୂଚନା ଅନୁସାରେ, ଅପ୍ରେଲ ୮ ତାରିଖ ପୂର୍ବାହ୍ନ ୧୧ଟାରେ ଶାହିବାଗ ସ୍ଥିତ ସର୍ଦ୍ଦାର ପଟେଲ ସ୍ମାରକରେ ସିଡବ୍ଲୁସି ର ମିଟିଙ୍ଗରେ ରାହୁଲ ଗାନ୍ଧି, ସୋନିଆ ଗାନ୍ଧି, ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ସମେତ ସିଡବ୍ଲୁସି ର ସଦସ୍ୟମାନେ ଉପସ୍ଥିତ ରହିବେ । ଏନେଇ ସର୍ଦ୍ଦାର ସ୍ମାରକ ପଡ଼ିଆରେ ସ୍ୱତନ୍ତ୍ର ପ୍ରକାରର ଏସି ଡୋମ ପ୍ରସ୍ତୁତ କରାଯାଇଛି । ଏହି ଡୋମ ରେ ସିଡବ୍ଲୁସି ର ମିଟିଂ ଅନୁଷ୍ଠିତ ହେବ । ଏହାପରେ ଗାନ୍ଧି ଆଶ୍ରମରେ ପ୍ରାର୍ଥନା ସଭାର ଆୟୋଜନ କରାଯିବ । ସିଡବ୍ଲୁସି ର ମିଟିଂ ନିମନ୍ତେ ସର୍ଦ୍ଦାର ପଟେଲ ସ୍ମାରକରେ ଅବସ୍ଥିତ ହଲ୍ ରେ ବିଶେଷ ପ୍ରକାରର ଡୋମ ତିଆରି କରାଯାଉଛି ।

# ଭାରତ-ପାକ୍ ଅନ୍ତର୍ଜାତୀୟ ସୀମାରେ ସନ୍ଦିଗ୍ଧ ହେରୋଇନ୍ ଏବଂ ଡ୍ରୋନ୍ ଜବତ

ଜୈସଲମେର,୪।୪(ମହାଭାରତ): ଗଙ୍ଗାନଗରର ଶ୍ରୀକରଣପୁର ସେକ୍ଟରରେ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାରେ ନିୟୋଜିତ ସୀମା ସୁରକ୍ଷା ବଳ କର୍ମଚାରୀମାନେ ସୀମା ଅଂଚଳରେ ରାତି ପାଟ୍ରୋଲିଂ ସମୟରେ ଏକ ସନ୍ଦିଗ୍ଧ ହେରୋଇନ୍ ପ୍ୟାକେଟ ଏବଂ ଏକ ପାକିସ୍ତାନୀ ଡ୍ରୋନ୍ ଜବତ କରିଥିଲେ। ସନ୍ଦିଗ୍ଧ ହେରୋଇନ୍‌ର ଓଜନ ୫୦୦ ଗ୍ରାମ ହେବ।

ସୀମା ସୁରକ୍ଷା ବାହିନୀର ଜନସମ୍ପର୍କ ଅଧିକାରୀ କହିଛନ୍ତି ଯେ ସୀମା ସୁରକ୍ଷା ବାହିନୀର ଯବାନମାନଙ୍କ ରାତି ପାଟ୍ରୋଲିଂ ଯୋଗୁଁ, ନିଶା ଚୋରାଚାଲାଣକାରୀମାନେ ପାକିସ୍ତାନରୁ ପଠାଯାଇଥିବା ନିଶା ଦ୍ରବ୍ୟର ମାଲ ଗ୍ରହଣ କରିବା ପାଇଁ ସୀମାବର୍ତ୍ତୀ ଅଂଚଳର ନିର୍ଦ୍ଦିଷ୍ଟ ସ୍ଥାନରେ ପହଂଚି ପାରି ନଥିଲେ। ତେଣୁ, ୫୦୦ ଗ୍ରାମ ସନ୍ଦିଗ୍ଧ ହେରୋଇନ୍ ଥିବା ଏକ ପ୍ୟାକେଟ ଏବଂ ଏକ ପାକିସ୍ତାନୀ ଡ୍ରୋନ୍ ଜବତ କରାଯାଇଥିଲା। ଏହା ପୂର୍ବରୁ ମଧ୍ୟ ପାକିସ୍ତାନ ଡ୍ରୋନ୍ ବ୍ୟବହାର କରି ଭାରତୀୟ ସୀମାକୁ ହେରୋଇନ୍ ଚୋରା ଚାଲାଣ କରିବାକୁ ଚେଷ୍ଟା କରିଆସୁଛି, ଯାହାକୁ ସୀମା ସୁରକ୍ଷା ବଳ ନିରନ୍ତର ବିଫଳ କରିଆସୁଛି। ପୂର୍ବରୁ ମଧ୍ୟ ୨୧ ମାର୍ଚ୍ଚ, ୨୦୨୫ରେ, ସୀମା ସୁରକ୍ଷା ବଳ ବିକାନେରର ସତରାନା ସଂଲଗ୍ନ ଭାରତ-ପାକ୍ ଅନ୍ତର୍ଜାତୀୟ ସୀମାରେ ତିନି କିଲୋଗ୍ରାମ ହେରୋଇନ୍ ଜବତ କରିଥିଲା।

# ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଲୋକସଭାରେ ସଙ୍କଳ୍ପ ଆଗତ

ନୂଆଦିଲ୍ଲୀ,୪।୪(ମହାଭାରତ): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ଲାଗି ଲୋକସଭାରେ ଏକ ବୈଧାନିକ ସଙ୍କଳ୍ପ ଆଗତ କରିଛନ୍ତି। ଏହାପରେ ନିମ୍ନ ସଦନ ଦ୍ୱାରା ଏହି ସଙ୍କଳ୍ପ ଗୃହୀତ ହୋଇଥିଲା। ମଣିପୁରରେ ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ମଧ୍ୟ ଗୃହରେ ସମ୍ମାନ, ସହାନୁଭୂତି ଏବଂ ଗଭୀର ଦୁଃଖ ପ୍ରକାଶ କରାଯାଇଛି ।

ଏହି ସଂକଳ୍ପ ଉପସ୍ଥାପନ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଥିଲେ ଯେ ମଣିପୁର ହାଇକୋର୍ଟଙ୍କ ଏକ ସଂରକ୍ଷଣ ସମ୍ବନ୍ଧୀୟ ବିବାଦ ସମ୍ବନ୍ଧୀୟ ନିଷ୍ପତ୍ତି କାରଣରୁ ମଣିପୁରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଆରମ୍ଭ ହୋଇଥିଲା। ସେ ଉଲ୍ଲେଖ କରିଥିଲେ ଯେ ଏଗୁଡ଼ିକ ଦଙ୍ଗା କିମ୍ବା ଆତଙ୍କବାଦ ନୁହେଁ, ବରଂ ହାଇକୋର୍ଟଙ୍କ ନିଷ୍ପତ୍ତିର ବ୍ୟାଖ୍ୟା କାରଣରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା। ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରାୟ ଚାରି ମାସ ଧରି ମଣିପୁରରେ କୌଣସି ହିଂସା ହୋଇନାହିଁ ଏବଂ ଶିବିରଗୁଡ଼ିକରେ ଖାଦ୍ୟ, ଔଷଧ ଏବଂ ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଇଛି। ସେ କହିଛନ୍ତି ଯେ ବୈଷୟିକ ଏବଂ ଡାକ୍ତରୀ ଶିକ୍ଷା ପାଇଁ ଅନଲାଇନ୍ ବ୍ୟବସ୍ଥା କରାଯାଇଛି ଏବଂ ପ୍ରାଥମିକ ଶିକ୍ଷା ପାଇଁ ଶିବିର ଭିତରେ ଶ୍ରେଣୀଗୃହ ସ୍ଥାପନ କରାଯାଇଛି, ଯେଉଁଠାରେ ସେମାନଙ୍କ ଅଧ୍ୟୟନ ପାଇଁ ବ୍ୟବସ୍ଥା କରାଯାଇଛି।

ଶ୍ରୀ ଅମିତ ଶାହ କହିଥିଲେ ଯେ କୌଣସି ହିଂସା ହେବା ଉଚିତ ନୁହେଁ ଏବଂ ଜାତିଗତ ହିଂସାକୁ କୌଣସି ରାଜନୈତିକ ଦଳ ସହ ଯୋଡ଼ାଯିବା ଉଚିତ ନୁହେଁ। ସେ ଉଲ୍ଲେଖ କରିଥିଲେ ଯେ ବିରୋଧୀ ଦଳ ଏକ ଚିତ୍ର ଅଙ୍କନ କରିବାକୁ ଚେଷ୍ଟା କରିଥିଲେ ଯେ ଆମ ଶାସନ କାଳରେ ଜାତିଗତ ହିଂସା ଘଟିଥିଲା। ସେ ଗୃହକୁ ସୂଚନା ଦେଇଥିଲେ ଯେ ୧୯୯୩ ରୁ ୧୯୯୮ ମସିହା ମଧ୍ୟରେ ମଣିପୁରରେ ପାଂଚ ବର୍ଷ ଧରି ନାଗା-କୁକି ସଂଘର୍ଷ ହୋଇଥିଲା, ଯେଉଁଥିରେ ୭୫୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଏକ ଦଶନ୍ଧି ଧରି ବିକ୍ଷିପ୍ତ ଘଟଣା ଜାରି ରହିଥିଲା। ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ ଯେ ଯଦିଓ ଆମେ ବିଶ୍ୱାସ କରୁ ଯେ ଏଭଳି ଘଟଣା ଆମ ଶାସନ କାଳରେ କଦାପି ଘଟିବା ଉଚିତ ନୁହେଁ, ଏକ ଦୁର୍ଭାଗ୍ୟଜନକ ନିଷ୍ପତ୍ତି ଫଳରେ ହିଂସା ସୃଷ୍ଟି ହୋଇଥିଲା, ଯାହାକୁ ତୁରନ୍ତ ନିୟନ୍ତ୍ରଣକୁ ଅଣାଯାଇଥିଲା। ସେ କହିଛନ୍ତି ଯେ ହିଂସାରେ ୨୬୦ ଜଣଙ୍କ ମୃତ୍ୟୁ ମଧ୍ୟରୁ ୮୦ ପ୍ରତିଶତ ପ୍ରଥମ ମାସରେ ଘଟିଥିବା ବେଳେ ଅବଶିଷ୍ଟ ମୃତ୍ୟୁ ପରବର୍ତ୍ତୀ ମାସଗୁଡ଼ିକରେ ଘଟିଥିଲା। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ୧୯୯୭-୯୮ ରେ କୁକି-ପାଇଟ୍ ସଂଘର୍ଷରେ ୫୦ରୁ ଅଧିକ ଗ୍ରାମ ଧ୍ୱଂସ ହୋଇଯାଇଥିଲା, ୪୦,୦୦୦ ଲୋକ ବିସ୍ଥାପିତ ହୋଇଥିଲେ, ୩୫୨ ଲୋକ ପ୍ରାଣ ହରାଇଥିଲେ, ଶହ ଶହ ଆହତ ହୋଇଥିଲେ ଏବଂ ୫୦୦୦ ଘର ଜଳାଇ ଦିଆଯାଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ୧୯୯୩ ରେ ଛଅ ମାସ ଧରି ଚାଲିଥିବା ମୈତେଇ-ପଙ୍ଗଲ ସଂଘର୍ଷ ସମୟରେ ୧୦୦ ରୁ ଅଧିକ ମୃତ୍ୟୁ ଘଟିଥିଲା।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ବିରୋଧୀ ଦଳ ଏପରି ଏକ ଚିତ୍ର ଅଙ୍କନ କରିବାକୁ ଚେଷ୍ଟା କରୁଛନ୍ତି ଯେ ଯେପରି ମଣିପୁରରେ ଏହା ପ୍ରଥମ ହିଂସା ଏବଂ ଆମର ଶାସନ ବିଫଳ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ପୂର୍ବ ସରକାରଙ୍କ ଶାସନ କାଳରେ ୧୦ ବର୍ଷ, ୩ ବର୍ଷ ଏବଂ ୬ ମାସ ଧରି ତିନୋଟି ପ୍ରମୁଖ ହିଂସାକାଣ୍ଡ ଘଟିଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ହିଂସା ଘଟଣା ପରେ ଗୃହମନ୍ତ୍ରୀଙ୍କ ସମେତ ତତ୍କାଳୀନ ସରକାରଙ୍କ କେହି ଏହି ଅଂଚଳକୁ ଗସ୍ତ କରିନଥିଲେ।

ଶ୍ରୀ ଅମିତ ଶାହ ଉଲ୍ଲେଖ କରିଥିଲେ ଯେ ୨୦୧୭ରେ ବିଜେପି କ୍ଷମତାକୁ ଆସିଥିଲା ଏବଂ ଏହାର ପାଂଚବର୍ଷ ପୂର୍ବରୁ ମଣିପୁରରେ ବର୍ଷକୁ ହାରାହାରି ୨୧୨ ଦିନ ବନ୍ଦ ରହିଥିଲା, ଯଦିଓ ସେହି ସମୟରେ କୌଣସି ଜାତିଗତ ହିଂସା ଘଟି ନଥିଲା। ସେ ଉଲ୍ଲେଖ କରିଥିଲେ ଯେ ୧୦୦୦ରୁ ଅଧିକ ଏନକାଉଣ୍ଟର ହୋଇଥିଲା, ଯାହାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ବିଚାରକୁ ନେବାକୁ ପଡ଼ିଥିଲା। ଶ୍ରୀ ଶାହ କହିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପୂର୍ବରୁ, ୨୦୧୭ ମସିହାରୁ ବିଜେପି ଶାସନର ଛଅ ବର୍ଷ ମଧ୍ୟରେ ମଣିପୁରରେ ଗୋଟିଏ ଦିନ ମଧ୍ୟ ବନ୍ଦ ଏବଂ ଅବରୋଧ ନଥିଲା ଏବଂ କୌଣସି ହିଂସା ହୋଇନାହିଁ। ସେ କହିଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ଯେତେବେଳେ ଉଭୟ ସମ୍ପ୍ରଦାୟ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସେମାନଙ୍କ ବିରୋଧରେ ବୋଲି ବ୍ୟାଖ୍ୟା କରିଥିଲେ, ମାତ୍ର ଦୁଇ ଦିନ ମଧ୍ୟରେ ହିଂସା ଆରମ୍ଭ ହୋଇଥିଲା।

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଥିଲେ ଯେ ବିରୋଧୀ ଦଳ ମଧ୍ୟ ଅଭିଯୋଗ କରିଛନ୍ତି ଯେ ସରକାର ମଣିପୁରରେ ହିଂସାକୁ ଅଣଦେଖା କରୁଛନ୍ତି। ସେ ଗୃହକୁ ସୂଚନା ଦେଇଥିଲେ ଯେ ଯେଉଁ ଦିନ ହାଇକୋର୍ଟଙ୍କ ନିର୍ଦ୍ଦେଶ ଜାରି କରାଯାଇଥିଲା, ସେହି ଦିନ ହିଁ ସୁରକ୍ଷା ବାହିନୀର କମ୍ପାନୀଗୁଡ଼ିକୁ ବାୟୁସେନା ବିମାନ ମାଧ୍ୟମରେ ଏହି ଅଂଚଳକୁ ପଠାଯାଇଥିଲା। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହି ପ୍ରସଙ୍ଗରେ ସମସ୍ତଙ୍କର ସମାନ ଚିନ୍ତା ରହିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ସମସ୍ତ ସଦସ୍ୟଙ୍କୁ ନିବେଦନ କରି ଏହି ପ୍ରସଙ୍ଗକୁ ରାଜନୀତିକରଣ ନକରିବାକୁ ଅନୁରୋଧ କରିଛନ୍ତି, କାରଣ ସରକାର ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରୁଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ହିଂସାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ଜୀବନ ପାଇଁ, ଗୃହ ହୃଦୟରେ ସମ୍ମାନ, ସହାନୁଭୂତି ଏବଂ ଦୁଃଖ ରଖିବା ଉଚିତ୍।

ଶ୍ରୀ ଅମିତ ଶାହ କହିଥିଲେ ଯେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ ଉଭୟ ସମ୍ପ୍ରଦାୟଙ୍କ ସହ ଆଲୋଚନା କରାଯାଇଥିଲା ଏବଂ ଉଭୟ ସମ୍ପ୍ରଦାୟର ସମସ୍ତ ସଙ୍ଗଠନଙ୍କ ସହ ପୃଥକ ବୈଠକ ଅନୁଷ୍ଠିତ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଖୁବ୍ ଶୀଘ୍ର ଏକ ମିଳିତ ବୈଠକ ଡାକିବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ସରକାର ହିଂସାକୁ ସମାପ୍ତ କରିବା ପାଇଁ ଏକ ମାର୍ଗ ଖୋଜିବା ପାଇଁ କାର୍ଯ୍ୟ କରୁଥିବାବେଳେ ଶାନ୍ତି ପ୍ରତିଷ୍ଠା କରିବା ହେଉଛି ସର୍ବୋଚ୍ଚ ପ୍ରାଥମିକତା। ଶ୍ରୀ ଶାହ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଗତ ଚାରି ମାସ ଧରି ମଣିପୁରରେ କୌଣସି ମୃତ୍ୟୁ ହୋଇନାହିଁ, କେବଳ ଦୁଇ ଜଣ ଆହତ ହୋଇଛନ୍ତି ଏବଂ ପରିସ୍ଥିତି ବ୍ୟାପକ ଭାବେ ନିୟନ୍ତ୍ରଣରେ ରହିଛି। ତେବେ ବିସ୍ଥାପିତ ଲୋକମାନେ ଆଉ ଶିବିରରେ ନ ରହିବା ପର୍ଯ୍ୟନ୍ତ ପରିସ୍ଥିତିକୁ ସନ୍ତୋଷଜନକ ବୋଲି ବିବେଚନା କରାଯିବ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ବିସ୍ଥାପିତ ଲୋକଙ୍କ ପାଇଁ ଏକ ପୁନର୍ବାସ ପ୍ୟାକେଜ୍ ବିଷୟରେ ଆଲୋଚନା ଚାଲିଛି।

# କଲିକତା ହାଇକୋର୍ଟର ନିଷ୍ପତି ଉପରେ ସୁପ୍ରିମକୋର୍ଟର ମୋହର

## ପଶ୍ଚିମବଙ୍ଗରେ ୨୫ ହଜାର ଶିକ୍ଷକଙ୍କ ନିଯୁକ୍ତି ବାତିଲ, ଦରମା ଫେରାଇବାର ଆବଶ୍ୟକତା ନାହିଁ

ନୂଆଦିଲ୍ଲୀ,୪।୪(ମହାଭାରତ): ପଶ୍ଚିମବଙ୍ଗର ପ୍ରାୟ ୨୫ ହଜାର ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ବାତିଲ କରିବା ପାଇଁ କଲିକତା ହାଇକୋର୍ଟର ପରେ ସୁପ୍ରିମକୋଟ ମୋହର ମାରିଛନ୍ତି ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ ଏହି ନିଯୁକ୍ତିଗୁଡ଼ିକ ଜାଲିଆତି ଭାବରେ କରାଯାଇଥିଲା।



ସୁପ୍ରିମକୋର୍ଟ ତାଙ୍କ ନିଷ୍ପତିରେ କହିଛନ୍ତି ଯେ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନଙ୍କୁ ସେମାନଙ୍କର ଦରମା ଫେରାଇବାକୁ ବାଧ୍ୟତାମୂଳକ ନୁହେଁ। ସୁପ୍ରିମକୋର୍ଟ କହିଛନ୍ତି ଯେ ଯେଉଁ ପ୍ରାର୍ଥୀମାନେ ଦାଗୀ ନୁହଁନ୍ତି, ସେମାନେ ନୂତନ ନିଯୁକ୍ତି ପ୍ରକ୍ରିୟାରେ ଛାଡ ପାଇପାରିବେ। କୋର୍ଟ ଫେବୃଆରୀ ୧୦ ତାରିଖରେ ନିଷ୍ପତି ସଂରକ୍ଷିତ ରଖିଥିଲେ। ପୂର୍ବରୁ, ୭ ମଇ ୨୦୨୪ରେ କୋର୍ଟ କଲିକତା ହାଇକୋର୍ଟର ନିଷ୍ପତି ଉପରେ ସ୍ଥଗିତାଦେଶ ଲଗାଇଥିଲେ। ତତ୍କାଳୀନ ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାରଙ୍କୁ ଭର୍ତ୍ସନା କରିଥିଲେ ଏବଂ କହିଥିଲେ ଯେ ଏହି ନିଯୁକ୍ତି ପ୍ରକ୍ରିୟା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା। କୋର୍ଟ କହିଥିଲେ ଯେ ୨୫ ହଜାର ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ସହିତ ଜଡିତ ଡିଜିଟାଲ ରେକର୍ଡ ରଖିବା ଅଧିକାରୀଙ୍କ ଦାୟିତ୍।

## ସୁପ୍ରିମକୋର୍ଟଙ୍କ ନିଷ୍ପତି ସହିତ ଅସହମତ କିନ୍ତୁ ନିର୍ଦ୍ଦେଶ ପାଳନ କରିବି: ମମତା ବାନାର୍ଜୀ

କୋଲକାତା,୪।୪(ମହାଭାରତ): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଦିନ ରାଜ୍ୟର ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୨୫,୭୫୩ ଶିକ୍ଷକ ଏବଂ କର୍ମଚାରୀଙ୍କ ନିଯୁକ୍ତି ବାତିଲ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିଷ୍ପତି ସହିତ ଅସହମତି ପ୍ରକାଶ କରିଛନ୍ତି। ତଥାପି, ସେ ଏହା ମଧ୍ୟ କହିଥିଲେ ଯେ ତାଙ୍କ ସରକାର ରାୟକୁ ପାଳନ କରିବା ସହିତ ସମସ୍ତ ଆଇନଗତ ବିକଳ୍ପ ଉପରେ ବିଚାର କରିବ।

ରାଜ୍ୟ ସଚିବାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ମମତା ବାନାର୍ଜୀ କହିଛନ୍ତି, 'ମୁଁ ନ୍ୟାୟପାଳିକା ଏବଂ ବିଚାରପତିମାନଙ୍କ ପ୍ରତି ଅପାର ସମ୍ମାନ କରେ କିନ୍ତୁ ମାନବିକ ଦୃଷ୍ଟିକୋଣରୁ ଏହି ନିଷ୍ପତିକୁ ଗ୍ରହଣ କରିପାରିବି ନାହିଁ।' ସେ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବେ, କିନ୍ତୁ ଯାହା ଆଇନଗତ ବିକଳ୍ପ ଉପଲବ୍ଧ ତାହା ଚେଷ୍ଟା କରାଯିବ।

ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ବିଜେପି ଉପରେ ଆକ୍ରମଣ କରି କହିଛନ୍ତି ଯେ ପୂର୍ବତନ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏହି ମାମଲାରେ ପୂର୍ବରୁ ଜେଲରେ ଅଛନ୍ତି କିନ୍ତୁ ବିଜେପି ନେତାମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ସେ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ସେ ଚାକିରି ହରାଇଥିବା ଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ଭେଟିବେ ଏବଂ ସେମାନଙ୍କୁ ନିରାଶ ହେବାର ଆବଶ୍ୟକତା ନାହିଁ ବୋଲି ଆଶ୍ୱାସନା ଦେବେ।

# ସଂଘର୍ଷ କରି ହାରିଲା ମୁମ୍ବାଇ ଇଣ୍ଡିଆନ୍ସ

## ପାଣ୍ଡ୍ୟାଙ୍କ ପଞ୍ଝା ଓ ସୂର୍ଯ୍ୟଙ୍କ ଅର୍ଦ୍ଧଶତକ ବେକାର, ଲକ୍ଷ୍ନୌକୁ ଜିତ୍

ଲକ୍ଷ୍ନୌ,୪।୪(ଏଜେନସି): ସୂର୍ଯ୍ୟକୁମାର ଯାଦବ, ନମନ ଧୀର ଓ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ସଂଘର୍ଷ ସତ୍ତ୍ୱେ ପରାସ୍ତ ହୋଇଛି ମୁମ୍ବାଇ ଇଣ୍ଡିଆନ୍ସ। ଫଳରେ ଲକ୍ଷ୍ନୌ ସୁପରି ଜାଏଣ୍ଟସ ୧୪ ରନରେ ବିଜୟୀ ହୋଇଛି। ଚଳିତ ଆଇପିଏଲ ୨୦୨୫ ମହାସମରରେ ଏଲଏସଜିର ଏହା ଦ୍ୱିତୀୟ ବିଜୟ। ଏଲଏସଜି ପ୍ରଥମେ ବ୍ୟାଟଂ କରି ମୁମ୍ବାଇ ଇଣ୍ଡିଆନ୍ସକୁ ୨୦୪ ରନର ଟାର୍ଗେଟ୍ ଦେଇଥିଲା। ମାତ୍ର ଏମଆଇ ନିର୍ଦ୍ଧାରିତ ୨୦ ଓଭରେ ୧୯୧ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ଯାହାଫଳରେ ରିଷଭ ପନ୍ତଙ୍କ ଲକ୍ଷ୍ନୌ ସୁପରି ଜାଏଣ୍ଟସ ମ୍ୟାଚକୁ ଜିତି ନେଇଛି।

ଆଇପିଏଲ ମହାସମରରେ ଆଜି ୧୬ତମ ମ୍ୟାଚ୍ ଖେଳାଯାଇଛି। ଲକ୍ଷ୍ନୌ ଏକନା ଷ୍ଟାଡିୟମରେ ମୁହାଁମୁହିଁ ହୋଇଥିଲେ। ମମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପରି ଜାଏଣ୍ଟସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ଏଲଏସଜିକୁ ଆମନ୍ତ୍ରଣ କରିଥିଲା ଏମଆଇ। ତେବେ ଘରୋଇ ପରିବେଶ ଏହାର ପୂରା ଫାଇଦା ଉଠାଇଥିଲା ଦଳ। ଦୁଇ ଓପନର ମିଚେଲ୍ ମାର୍ସ, ଓ ଇଡେନ ମାକ୍ରମ ମୁମ୍ବାଇ ବୋଲରଙ୍କ ଉପରେ ଜବରଦସ୍ତ ପ୍ରହାର କରିଥିଲେ।



ପ୍ରଥମ ୱିକେଟରେ ଦଳ ୭୬ ରନ ପାର୍ କରିଥିଲେ ମିଚେଲ୍ ମାର୍ସ ମାତ୍ର ୩୧ଟି ବଲ୍ ଖେଳି ୬୦ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ଗଲା ପରେ ମାକ୍ରମ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୩୮ ବଲରୁ ୫୩ ରନ୍ କରିଥିଲେ । ସେହିପରି ଆୟୁଷ ବଦୋନୀ ୩୦ ରନ୍ କରିଥିବା ବେଳେ ଡେଭିଡ୍ ମିଲର ୨୭ ରନ୍ କରିଥିଲେ। ଫଳରେ ଏଲଏସଜି ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୩ ରନ୍ କରିଥିଲା । ମୁମ୍ବାଇ ସାମ୍ନାରେ ୨୦୪ ରନ୍ ର ଟାର୍ଗେଟ୍ ରହିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ୫ ୱିକେଟ୍ ମିଳିଛି ।

୨୦୪ ରନ୍ ର ଟାର୍ଗେଟକୁ ପିଛା କରି ପଡ଼ିଆକୁ ଓହ୍ଲାଇଥିଲେ ମୁମ୍ବାଇ ଇଣ୍ଡିଆନ୍ସର ଦୁଇ ଓପନର ୱିଲ୍ ଜ୍ୟାକ୍ସ ଓ ରିୟାନ ରିକେଲଟନ୍ ହେଲେ ମୁମ୍ବାଇକୁ ପ୍ରାରମ୍ଭିକ ଝଟକା ଦେଇଥିଲା ଏଲଏସଜି। ଦ୍ୱିତୀୟ ଓଭରେ ୱିଲ୍ ଜ୍ୟାକ୍ସ ଆକାଶଦୀପଙ୍କ ଶିକାର ହୋଉଥିଲେ। ପରେ ଶର୍ଦ୍ଦୁଲ୍ ଠାକୁର ରିକେଲଟନ୍ ଆଉଟ୍ କରିଥିଲେ । ପରେ ସୂର୍ଯ୍ୟକୁମାର ଯାଦବ, ନମନ ଧୀର ଓ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ସଂର୍ଘଷ କରିଥିଲେ । ସୂର୍ଯ୍ୟକୁମାର ଯାଦବ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ନମନ ଧୀର ୪୬ ରନ ପାଳି ଏବଂ ଅଧିନାୟକ ପାଣ୍ଡ୍ୟା ୨୫ ରନ କରିଥିଲେ ମଧ ଦଳକୁ ଜିତାଇ ପାରିନଥିଲେ। ଲକ୍ଷ୍ନୌ ବୋଲର ମୁମ୍ବାଇ ଇଣ୍ଡିଆନ୍ସ ମୁହାଁରୁ ମ୍ୟାଚକୁ ଛଡ଼ାଇ ଆଣିଥିଲେ। ଏମଆଇ ନିର୍ଦ୍ଧାରିତ ୨୦ ଓଭରେ ୧୯୧ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା ଫଳରେ ଲକ୍ଷ୍ନୌ ୧୪ ରନରେ ମ୍ୟାଚକୁ ଜିତି ନେଇଛି।

### ଆଜିର ମ୍ୟାଚ୍

ସିଏସ୍‌କେ ବନାମ ଦିଲ୍ଲୀ ଡେୟାରଡେଭିଲ୍‌ସ

ପଞ୍ଜାବ ବନାମ ରାଜସ୍ଥାନ

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ କିଙ୍ଗ୍‌ସ | ୦୨ | ୦୨ | ୦୦ | ୦୪ |
| ଦିଲ୍ଲୀ କ୍ୟାପିଟାଲ୍ | ୦୨ | ୦୨ | ୦୦ | ୦୪ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୩ | ୦୨ | ୦୧ | ୦୪ |
| ଗୁଜରାଟ ଟାଇଟନ୍ସ | ୦୩ | ୦୨ | ୦୧ | ୦୪ |
| କୋଲକାତା ନାଇଟ୍ ରାଇଡର୍ସ | ୦୪ | ୦୨ | ୦୧ | ୦୪ |
| ଲକ୍ଷ୍ନୌ ସୁପର ଜିଆଣ୍ଟ ସ | ୦୪ | ୦୨ | ୦୨ | ୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୪ | ୦୧ | ୦୨ | ୦୨ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୩ | ୦୧ | ୦୨ | ୦୨ |
| ରାଜସ୍ଥାନ ରୟାଲ୍‌ସ | ୦୩ | ୦୧ | ୦୨ | ୦୨ |
| ସନରାଇଜର୍ସ ହାଇଦ୍ରାବାଦ | ୦୪ | ୦୧ | ୦୩ | ୦୨ |

## ଜାଡ଼େଜାଙ୍କ ଜର୍ସି ସହ ମଞ୍ଜରେକର୍




ନୂଆଦିଲ୍ଲୀ: ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ତଥା ପ୍ରତିଷ୍ଠିତ ଭାଷ୍ୟକାର ସଞ୍ଜୟ ମଞ୍ଜରେକର୍ ଏବଂ ଭାରତୀୟ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ପରସ୍ପରକୁ ଆଡ଼ ଆଖିରେ ଦେଖନ୍ତିନି ୬ବର୍ଷ ତଳେ ଅର୍ଥାତ୍ ଇଂଲଣ୍ଡରେ ଖେଳାଯାଇଥିବା ୨୦୧୯ ମସିହା ଦିନିକିଆ । ବିଶ୍ୱକପ୍ ଅବସରରେ ଜାଡ଼େଜାଙ୍କୁ ମଞ୍ଜରେକର୍ କାମଚଳା କ୍ରିକେଟର୍ କହି ବିବାଦର ସୂତ୍ରପାତ କରିଥିଲେ ଜାଡ଼େଜା ମଧ ତାଙ୍କୁ ଉଚିତ ଜବାବ ଦେଇଥିଲେ କହିଥିଲେ, ତଥାପି ମୁଁ ତୁମଠାରୁ ଦୁଇଗୁଣ ମ୍ୟାଚ୍ ଖେଳିଛି ଏବଂ ଆଗକୁ ଆହୁରି ଅନେକ ମ୍ୟାଚ୍ ଖେଳିବି ଅନ୍ୟ ସଫଳ ଲୋକଙ୍କୁ ସମ୍ମାନ କରିବା ଶିଖ। ଏହା ପରେ ଉଭୟ ପରସ୍ପର ସହ କେଣସି ସଂପର୍କ ରଖି ନଥିଲେ ଏପରିକି ଏହି କାରଣରୁ ମଞ୍ଜରେକରଙ୍କୁ ବିସିସିଆଇ ଭାଷ୍ୟକାର ତାଲିକାରୁ ବାଦ୍ ଦେଇଥିଲା ଭୁଲ୍ ମାଗିଲା ପରେ ଯାଇ ପୁଣି ଥରେ ସେ ଏହି ତାଲିକାକୁ ଫେରିଥିଲେ ଏହି ଘଟଣାର ବହୁଦିନ ପରେ ଜାଡ଼େଜାଙ୍କ ୮ ନମ୍ବର ଜର୍ସି ସହ ଫଟୋ ଉଠାଇ ଏହାକୁ ନିଜ ଇନଷ୍ଟାଗ୍ରାମ ପୃଷ୍ଠାରେ ପ୍ରକାଶ କରିଛନ୍ତି ଫଳରେ ଉଭୟଙ୍କ ମଧ୍ୟରେ ଥିବା ତିକ୍ତତା ଦୂର ହୋଇଥିବାର ଆଶା ସଂଞ୍ଚର ହୋଇଛି ଜାଡ଼େଜାଙ୍କ ଜର୍ସି ସହ ମଞ୍ଜରେକର୍ ପକାଇଥିବା ଫଟୋଟିକୁ କିନ୍ତୁ କ୍ରିକେଟପ୍ରେମୀ ବେଶ୍ ପସନ୍ଦ କରୁଛନ୍ତି।

## ରାହାଣେଙ୍କ ସହ ବିବାଦରୁ ଦଳ ଛାଡ଼ିଲେ ଜୈସ୍ୱାଲ !

ନୂଆଦିଲ୍ଲୀ ୦୪/୦୪: ଅଚାନକ୍ ମୁମ୍ବାଇ ରଣଜୀ ଛାଡିଲେ ଯଶସ୍ୱୀ ଜୈସ୍ୱାଲ। କେବଳ ଦଳ ଛାଡିନାହାଁନ୍ତି ତ ସେ ଏବେ ଗୋଆର ଅଧିନାୟକ। ବିଶେଷ ସୂତ୍ରରୁ ଜଣାପଡିଛି ଯେ, ଜୈସବାଲ ମୁମ୍ବାଇ ଛାଡିବା ପଛରେ ସବୁଠାରୁ ବଡ଼ କାରଣ ହେଉଛନ୍ତି ଅଜିଙ୍କ୍ୟା ରାହାଣେ। ଦାବି କରାଯାଉଛି ଯେ ଜୈସ୍ୱାଲ-ରାହାଣେଙ୍କ ମଧ୍ୟରେ ବିବାଦ ରହିଛି।

ଉଭୟଙ୍କ ମଧ୍ୟରେ ମତଭେଦ ଥିବାରୁ ସେ ଗୋଆରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ରିପୋର୍ଟରେ କେତେ ସତ୍ୟତା ଅଛି ତାହା ଏପର୍ଯ୍ୟନ୍ତ ଜଣାନାହିଁ। କିନ୍ତୁ ଏହା ନିଶ୍ଚିତ ଭାବରେ ସତ୍ୟ ଯେ ୩ ବର୍ଷ ପୂର୍ବେ ରାହାଣେ ଜୈସ୍ୱାଲଙ୍କୁ ପଡ଼ିଆରୁ ବାହାର କରିଦେଇଥିଲେ।

୨୦୨୨ରେ ହୋଇଥିଲା ଦୁଲୀପ ଟ୍ରଫିର ଫାଇନାଲ। ପଶ୍ଚିମ ଜୋନ୍ ଅଧିନାୟକ ଅଜିଙ୍କ୍ୟା ରାହାଣେ ହଠାତ ବହୁତ ରାଗିଥିଲେ। କାରଣ ଫିଲ୍ଡିଂ କରୁଥିବା ଯଶସ୍ୱୀ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନ୍ ରବି ତେଜାଙ୍କୁ କିଛି କହୁଥିଲେ। ଯେତେବେଳେ ରାହାଣେ ଜୈସ୍ୱାଲଙ୍କୁ ସ୍ଲେଜିଂ କରୁଥିବାର ଦେଖିଲେ। ସେ ଖେଳାଳିଙ୍କୁ



ପଡ଼ିଆ ଛାଡିବାକୁ କହିଲେ। ଜୈସ୍ୱାଲ ଅଧିନାୟକଙ୍କ କଥା ଶୁଣି ପଡ଼ିଆ ଛାଡିଦେଲେ ।

ଗତ ବର୍ଷ, ଯେତେବେଳେ ରାହାଣେଙ୍କୁ ଏକ ସାକ୍ଷାତକାରରେ ଏହି ବିଷୟ ବିଷୟରେ ପଚରାଯାଇଥିଲା, ସେ କହିଥିଲେ ଯେ ସେ ଚାହାଁନ୍ତି ଯେ ପଡ଼ିଆରେ ଶାଳୀନତାର ସହ କ୍ରିକେଟ ଖେଳାଯାଉ। କିନ୍ତୁ ଜୈସ୍ୱାଲ ଏହି ସୀମା ପାର୍ କରୁଥିଲେ । ଏଥିପାଇଁ ଜୈସ୍ୱାଲଙ୍କୁ ନିଲମ୍ବିତ କରାଯାଇପାରିଥାନ୍ତା। ଆଉ ରାହାଣେ ଏପରି ନକରି ଖେଳାଳିଙ୍କୁ ଗାଳି ଦେଇଥିଲେ ଓ ବାହାରକୁ ପଠାଇ ଦେଇଥିଲେ।

ରିପୋର୍ଟକୁ ବିଶ୍ୱାସ କଲେ, କଥାଟି ସେତିକିରେ ସରନିଥିଲା । ଚଳିତ ବର୍ଷ ରଣଜୀ ଟ୍ରଫିରେ ମୁମ୍ବାଇ ଜମ୍ମୁ କାଶ୍ମୀର ଠାରୁ ପରାସ୍ତ ହୋଇଥିଲା। ଯେଉଁଥିରେ ଜୈସ୍ୱାଲଙ୍କ ଖରାପ ପ୍ରଦର୍ଶନ ଥିଲା । ବାରମ୍ବାର ଫ୍ଲପ୍ ହୋଇଥିଲେ। ଏହି ମ୍ୟାଚ୍ ସମୟରେ, ଜୈସ୍ୱାଲ ଅଜିଙ୍କ୍ୟା ରାହାଣେଙ୍କ କିଟ୍‌କୁ କିକ୍ ମାରିଥିଲେ ଯେଉଁଥିପାଇଁ ରାଗିଯାଇଥିଲେ ରାହାଣେ ।

ଏହି ପରାଜୟ ପାଇଁ ରାହାଣେ ଓ କୋଚ୍ ଓମକାର ସାଲଭି ଜୈସ୍ୱାଲଙ୍କୁ ଟାର୍ଗେଟ କରିଥିଲେ ବୋଲି ଦାବି କରାଯାଉଛି। ଦୁହେଁ ରାହାଣେଙ୍କ ପ୍ରତିବଦ୍ଧତା ଉପରେ ପ୍ରଶ୍ନ ଉଠାଇଥିଲେ। ଯାହା ଖେଳାଳିଙ୍କୁ ବହୁତ ବାଧିଥିଲା। ପ୍ରଶିକ୍ଷକ ସଞ୍ଜୟ ପାଟିଲ ଏପରି କହିଥିଲେ ଯେ ଜଣେ ଭାରତୀୟ ଦଳର ଖେଳାଳିଙ୍କୁ ଦଳରେ ଆଣିବା ପାଇଁ, ଜଣେ ପ୍ରତିଭାବାନ ଯୁବ ଖେଳାଳିଙ୍କୁ ବାଦ୍ ଦିଆଯାଇଥିଲା। ପାଟିଲ ଏହା ମଧ କହିଛନ୍ତି ଯେ ଭାରତୀୟ ଖେଳାଳିମାନେ ଏହା ମଧ ବୁଝିବା ଉଚିତ ଯେ ମୁମ୍ବାଇ ପାଇଁ ଖେଳିବା ସମୟରେ ସେମାନେ ସେମାନଙ୍କର ଶତ ପ୍ରତିଶତ ପ୍ରୟାସ କରିବା ଉଚିତ। ଏତେ ସବୁ ଘଟଣା ପରେ ହିଁ ଜୈସ୍ୱାଲ ମୁମ୍ବାଇ ରଣଜୀ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଅନୁମାନ କରାଯାଏ ।

## ପାକିସ୍ତାନ ଖେଳାଳିଙ୍କୁ ଜରିମାନା

ଦୁବାଇ,୪।୪: ଚଳିତ ସପ୍ତାହରେ ହାମିଲଟନଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ। କ୍ରିକେଟ ମ୍ୟାଚରେ ସ୍ଲୋ ଓଭର ରେଟ୍ ପାଇଁ ପାକିସ୍ତାନ କ୍ରିକେଟ ଦଳକୁ ଜରିମାନା ହୋଇଛି।



ମ୍ୟାଚ ରେଫରି ଜେଫ୍ କ୍ରୋ ପାକିସ୍ତାନର ପ୍ରତ୍ୟେକ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ୍ ଫିର ୫ ପ୍ରତିଶତ ଜରିମାନା କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଟାର୍ଗେଟଠାରୁ ପାକିସ୍ତାନ ଗୋଟିଏ ଓଭର ପଛରେ ରହି ଯାଇଥିଲା। ବୁଧବାର ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ୮୪ ରନରେ ବିଜୟ ଲାଭ କରିଥିଲା ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଦଣ୍ଡକୁ ଗ୍ରହଣ କରିନେଇଥିଲେ। ତେଣୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା ସ୍ଲୋ ଓଭର ରେଟ୍ ପାଇଁ ପାକିସ୍ତାନ କ୍ରମାଗତ ଦ୍ୱିତୀୟ ଥର ଲାଗି ଦଣ୍ଡିତ ହୋଇଛି। ନାପିଏରଠାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ଟାର୍ଗେଟଠାରୁ ୨ ଓଭର ପଛରେ ରହିଥିବାରୁ ପାକିସ୍ତାନକୁ ୧୦ ପ୍ରତିଶତ ଜରିମାନା କରାଯାଇଥିଲା ଏଥିରେ ଦଳ ୭୩ ରନ୍‌ରେ ପରାଜିତ ହୋଇଥିଲା।

## ସମାଲୋଚକଙ୍କ ଉପରେ ରାଗିଲେ ଭେଙ୍କଟେଶ

ନୂଆଦିଲ୍ଲୀ୪।୪: ଆଇପିଏଲ ୨୦୨୫ ଦମ୍‌ଦାର୍ ହେଉଛି ମ୍ୟାଚ୍ କେତେବେଳେ ରେକର୍ଡକୁ ନେଇ ହେଉଛି ଚର୍ଚ୍ଚା ତ ଆଉ କେତେବେଳେ ପ୍ଲେୟରଙ୍କ ଫର୍ମକୁ ନେଇ ହେଉଛି ଆଲୋଚନା। ଏବେ ଆଲୋଚନା ଆସିଛନ୍ତି କୋଲକତାର ଉପଅଧିନାୟକ ଦମ୍‌ଦାର୍ ପର୍ଫମାନ୍ସ ପରେ ଗର୍ଜିଛନ୍ତି ଭେଙ୍କଟେସ୍ ଆୟର ।

କୋଲକାତା ନାଇଟ ରାଇଡର୍ସ ଆଇପିଏଲ ୨୦୨୫ ପୂର୍ବରୁ ଭେଙ୍କଟେଶ ଆୟରଙ୍କୁ ମୁକ୍ତ କରିଥିଲା, କିନ୍ତୁ ମେଗା ନିଲାମରେ ତାଙ୍କୁ ଫେରାଇ ଆଣିବା ପାଇଁ ୨୩.୭୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ସେ ଇତିହାସରେ ତୃତୀୟ ସର୍ବାଧିକ ଦରମା ପ୍ରାପ୍ତ ପ୍ଲେୟର। ତାଙ୍କ ଆଗରେ ୨୭ କୋଟିରେ ରିଷଭ ପନ୍ତ, ଶ୍ରେୟସ ଆୟର ୨୬.୭୫ କୋଟି ଟଙ୍କାରେ କିଣାଯାଇଥିଲା । କୋଲକାତା ନାଇଟ ରାଇଡର୍ସର ଉପ-



ଅଧିନାୟକ ଭେଙ୍କଟେଶ ଆୟର ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ବ୍ୟାଟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୨୯ ବଲରେ ୬୦ ରନ ର ଇନିଂସ ଖେଳିଥିଲେ । ଏହି ଇନିଂସ ଖେଳିବା ପରେ ସେ ତାଙ୍କ ସମାଲୋଚକଙ୍କ ମୁହଁରେ ଏକ ଶକ୍ତ ଚାପୁଡ଼ା ମାରିଥିଲେ। ସେ କହିଥିଲେ କି ଅଧିକ ଟଙ୍କା ମିଳିଛି ବୋଲି ଏହାର ଅର୍ଥ ନୁହେଁ, ଯେ ତାଙ୍କୁ ପ୍ରତ୍ୟେକ ମ୍ୟାଚରେ ବଡ଼ ସ୍କୋର କରିବାକୁ ପଡିବ। ସେ କୁହନ୍ତି ଯେ ସେ ଦଳରେ ପ୍ରଭାବଶାଳୀ ଅବଦାନ ଦେବା ଉପରେ ଧ୍ୟାନ ଦିଅନ୍ତି ।

ଖବର ଅନୁଯାୟୀ, ଆଇପିଏଲ ୨୦୨୫ ନିଲାମରେ ଭେଙ୍କଟେଶ ଆୟରଙ୍କୁ ରାଇଟ-ଟୁ-ମ୍ୟାଚ କାର୍ଡରେ ନିଜ ସହ ରଖିଥିଲା । ଯାହା ପରେ ସେ ଦଳର ସବୁଠାରୁ ମହଙ୍ଗା ଖେଳାଳି ଏବଂ ର ତୃତୀୟ ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। ଚଳିତ ସିଜିନର ପ୍ରଥମ ଦୁଇଟି ମ୍ୟାଚରେ ତାଙ୍କର ପ୍ରଦର୍ଶନ ଭଲ ନଥିଲା, ସେ କେବଳ ୯ ରନ କରିପାରିଥିଲେ ଏହାପରେ ଦାମ୍ ଅନୁସାରେ ତାଙ୍କର ଫ୍ଲପ ପ୍ରଦର୍ଶନ ଉପରେ ଉଠିଥିଲା ପ୍ରଶ୍ନ । ଆଉ ବର୍ତ୍ତମାନ ଏହାର ଜବାବ ଦେଇଛନ୍ତି ଭେଙ୍କଟେଶ ଆୟର ।

## ବଢିଲା ସାମୀଙ୍କ ଭଉଣୀ-ଭିଣୋଇଙ୍କ ବଢିଲା ଅଡୁଆ

ନୂଆଦିଲ୍ଲୀ ୦୪।୦୪: ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ଶାମି ଆଜିକାଲି ୨୦୨୫ ଖେଳିବାରେ ବ୍ୟସ୍ତ ଅଛନ୍ତି । ହେଲେ ଏହାରି ଭିତରେ ତାଙ୍କ ଭଉଣୀ ଓ ଭିଣୋଇ ଠକେଇରେ ଫସିଛନ୍ତି । ଠକେଇରେ ଉଭୟଙ୍କ ନାମ ଥିବା ସାମ୍ନାକୁ ଆସିଛି ଭଉଣୀ ଓ ଭିଣୋଇଙ୍କ ବ୍ୟତୀତ, ଶାମୀଙ୍କ ଅନ୍ୟ କିଛି ସମ୍ପର୍କୀୟ ଅର୍ଥାତ ୧୮ ଜଣ ଠକେଇରେ ସମ୍ପୃକ୍ତ ଥିବା ଜଣାପଡ଼ିଛି ତଦନ୍ତରେ, ସମସ୍ତେ ମନରେଗା ଅଧୀନରେ ବେଆଇନ ଭାବରେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି।

ବୁଧବାର, ଏପ୍ରିଲ ୨ ତାରିଖରେ, ଜିଲ୍ଲା ଡିଏମ୍ ନିଧି ଗୁପ୍ତା ଭାଟସ୍ କହିଥିଲେ ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ମନରେଗାରେ ଟଙ୍କା ବଣ୍ଟନରେ ଜାଲିଆତି ହୋଇଛି। ଏଥିରେ ଦୋଷୀ ସାବ୍ୟସ୍ତ ହୋଇଥିବା କର୍ମଚାରୀମାନଙ୍କୁ ନିଲମ୍ବିତ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିସହ ତାଙ୍କ ବିରୋଧରେ ପଞ୍ଚାୟତ ରାଜ ଆଇନ ଅନୁଯାୟୀ ଏକ ପୋଲିସ ରିପୋର୍ଟ ମଧ ରୁଜୁ କରାଯାଇଛି।

ଡିଏମ୍‌ଙ୍କ ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ମାମଲାର ତଦନ୍ତରେ ମୋଟ ୧୮ ଜଣଙ୍କ ନାମ ପ୍ରକାଶ ପାଇଛି ଯେଉଁମାନେ କୌଣସି କାମ ନକରି ମନରେଗା ଭତ୍ତାରୁ ଟଙ୍କା ନେଉଥିଲେ ସେହି ୧୮ ଜଣଙ୍କ ମଧ୍ୟରେ ମହମ୍ମଦ ଶାମୀଙ୍କ ବଡ଼ ଭଉଣୀ ଶବିନା, ତାଙ୍କ ସ୍ୱାମୀ ଗଜନବୀ, ଶବିନାଙ୍କ ତିନି ଭାଇଭଉଣୀ ଆମିର ସୁହେଲ, ନାସିରୁଦ୍ଦିନ ଏବଂ ଶେଖୁ ଥିଲେ ଡିଏମ୍ ଆହୁରି କହିଛନ୍ତି ଯେ ଏଥିରେ ଗ୍ରାମ ମୁଖିଆ ଗୁଲେ ଆୟେଶାଙ୍କ ଝିଅ ଏବଂ ପୁଅମାନଙ୍କ ନାମ ମଧ ଅନ୍ତର୍ଭୁକ୍ତ।

## ୨୦୩୧ ମହିଳା ବିଶ୍ୱକପ୍ ଆୟୋଜକ ଦୌଡ଼ରେ ଆମେରିକା

ବେଲଗ୍ରେଡ,୪୪: ୨୦୩୧ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ ଲାଗି ଆମେରିକା ଏକା ଆବେଦନ କରିଛି ଏବଂ ୟୁନାଇଟେଡ୍ କିଙ୍ଗଡମ ୨୦୩୫ ଟୁର୍ନାମେଣ୍ଟ ଆୟୋଜନ କରିବା ନିଶ୍ଚିତ। ଫିଫା ସଭାପତି ଗିଆନି ଇନଫାଣ୍ଟିନୋ ଗୁରୁବାର ଏହା ଘୋଷଣା କରିଛନ୍ତି ୨୦୩୧ ଟୁର୍ନାମେଣ୍ଟ ଲାଗି ଫିଫା ଭାଗ ନେଉଥିବା ଦଳ ସଂଖ୍ୟାକୁ ୩୨ରୁ ୪୮କୁ ବୃଦ୍ଧି କରିବାକୁ ଯୋଜନା ରଖିଥିବା ସେ ସ୍ପଷ୍ଟ କରିଛନ୍ତି ପରବର୍ତ୍ତୀ ମହିଳା ବିଶ୍ୱକପ୍ ୨୦୨୭ରେ ବ୍ରାଜିଲରେ ହେବାର ଅଛି।

## ଜାତୀୟ ଦୃଷ୍ଟିବାଧିତ ଚେସ୍: ସୌନ୍ଦର୍ଯ୍ୟଙ୍କୁ ରୋକିଲେ କିଶନ

ଭୁବନେଶ୍ୱର,୪।୪(ମହାଭାରତ): କଟକସ୍ଥିତ ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍‌ସିଆଲ୍ ସ୍କୁଲ୍‌ଠାରେ ଚାଲିଥିବା ଅଷ୍ଟାଦଶ ଏଆଇସିଏଫ୍‌ବି ଜାତୀୟ ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡ ସୁଦ୍ଧା ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ (୩ ପଏଣ୍ଟ) ପଞ୍ଚମ ସ୍ଥାନରେ ରହିଛନ୍ତି ପ୍ରଥମରୁ ତୃତୀୟ ରାଉଣ୍ଡ ପର୍ଯ୍ୟନ୍ତ ଲଗାତାର ବିଜୟୀ ହୋଇଥିବା ସୌନ୍ଦର୍ଯ୍ୟ ଚତୁର୍ଥ ରାଉଣ୍ଡରେ କିନ୍ତୁ କର୍ଣ୍ଣାଟକର କିଶନ ଗାଙ୍ଗୁଲିଠୁ ହାରି ଯାଇଛନ୍ତି ତାଙ୍କୁ ହରାଇ କିଶନ (୪)ଶୀର୍ଷରେ ରହିଛନ୍ତି ତୃତୀୟ ରାଉଣ୍ଡରେ ସୌନ୍ଦର୍ଯ୍ୟ କର୍ଣ୍ଣାଟକର କ୍ରିଷନ ଉଡୁପାଙ୍କୁ ହରାଇଥିଲେ।

ସେହିଭଳି ପ୍ରଥମ ରାଉଣ୍ଡରେ ଦିଲ୍ଲୀର ଅରୁଣ କୁମାର ଏବଂ ଦ୍ୱିତୀୟରେ ତାମିଲନାଡୁର ଆର୍ ଗୋପୀଙ୍କୁ ପରାସ୍ତ କରିଥିଲେ ଅନ୍ୟପକ୍ଷରେ ତୃତୀୟ ରାଉଣ୍ଡରେ ଗୁଜରାଟର ଦର୍ପଣ ଇନାନିଙ୍କଠୁ ହାରିଥିବା ଓଡ଼ିଶାର ପ୍ରାତ୍ୟୁର୍ଯ୍ୟ କୁମାର




ପ୍ରଧାନ (୩) ଚତୁର୍ଥ ରାଉଣ୍ଡରେ ହରିୟାଣାର ରାକେଶ ନରାଲ୍‌ଙ୍କୁ ହରାଇ ଦଶମ ସ୍ଥାନରେ ରହିଛନ୍ତି । ଅନ୍ୟ ଜଣେ ଓଡ଼ିଶା ଖେଳାଳି ଶୁଭେନ୍ଦୁ କୁମାର ପାତ୍ର (୨.୫) ବିଂଶତମ ସ୍ଥାନରେ ରହିଛନ୍ତି । କିଶନଙ୍କ ପଛକୁ ଗୁଜରାଟର ଦର୍ପଣ ଇନାନି, ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ ଓ ଦିଲ୍ଲୀର ସୋମେନ୍ଦର ବିଏଲ୍ ୩.୫ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥରେ ରହିଛନ୍ତି। ଗତକାଲି ଗୋଟି ଚାଳନା କରି ହକି ଅଲିମ୍ପିଆନ୍ ଲାଜରୁସ ବାର୍ଲା ପ୍ରଥମ ରାଉଣ୍ଡକୁ ଏବଂ ସାଇ ଇଣ୍ଟରନ୍ୟାସନାଲ୍‌ର ସିଇଓ ଅରବିନ୍ଦ ଦାସ ଦ୍ୱିତୀୟ ରାଉଣ୍ଡକୁ ଆରମ୍ଭ କରିଥିଲେ। ଆଜି ତୃତୀୟ ରାଉଣ୍ଡକୁ ଆଇଆର୍‌ଏସ୍ ଦିଲୀପ ରାଉତ ଏବଂ ଚତୁର୍ଥ ରାଉଣ୍ଡକୁ ନିଖିଳ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଂଜନ ପଟ୍ଟନାୟକ ଆରମ୍ଭ କରିଛନ୍ତି ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୫ ରାଜ୍ୟ ଓ ୫ କେନ୍ଦ୍ରଶାସିତ ଅଞ୍ଚଳରୁ ୫୨ ଖେଳାଳି ଅଂଶଗ୍ରହଣ କରୁଛନ୍ତି ଏହି ପ୍ରତିଯୋଗିତା ୬ ତାରିଖରେ ଉଦ୍‌ଯାପିତ ହେବ।

## କୋହଲିଙ୍କ ଆଗରେ ଲୁହ ଛଳଛଳ ହୋଇଗଲେ ସିରାଜ

ବେଙ୍ଗାଲୁରୁ,୪।୪: ୨୦୨୫ରେ ଏପ୍ରିଲ ୨ରେ ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସଠାରୁ ପରାଜିତ ହୋଇଛି ଆରସିବି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୁଜରାଟ ୮ ଉଇକେଟରେ ଆରସିବିକୁ ପରାସ୍ତ କରିଥିଲା ଗୁଜୁରାଟର ବିଜୟର ନାୟକ ସାଜିଥିଲେ ମହମ୍ମଦ ସିରାଜ, ଯିଏ ମ୍ୟାଚ୍‌ରେ ୩ ଉଇକେଟ ନେଇଥିଲେ ତେବେ ଏହି ମ୍ୟାଚ୍‌ରେ ସିରାଜଙ୍କୁ ଭାବପ୍ରବଣ ହେବାର ଦେଖାଯାଇଥିଲା କିଛି ମୁହୂର୍ତ୍ତ ପାଇଁ ଏଭଳି ଲାଗିଥିଲା ଯେପରି ତାଙ୍କ ଆଖିରୁ ଲୁହ ବୋହିଯିବ ବିରୋଧୀ ଆର୍‌ସିବି ପାଇଁ ଖେଳୁଥିବା ବିରାଟ କୋହଲିଙ୍କ ସମ୍ମୁଖରେ ସିରାଜ ଛଳଛଳ ହୋଇଯାଇଥିଲେ।

ଆରସିବି ବିପକ୍ଷରେ ଗୁଜରାଟ ପ୍ରଥମେ ବୋଲିଂ କରିଥିଲା ମହମ୍ମଦ ସିରାଜ ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିଲେ ଅପରପକ୍ଷେ ପାଇଁ ଫିଲ ସଲ୍ଟ ଏବଂ ବିରାଟ କୋହଲି ବ୍ୟାଟିଂ ଆରମ୍ଭ କରିଥିଲେ ସିରାଜଙ୍କ ପ୍ରଥମ ବଲ୍ ଫିଲ୍ ସଲ୍ଟଙ୍କ ସାମ୍ନା କରିଥିଲା ଏବଂ ସେ




ଗୋଟିଏ ସିଙ୍ଗଲ୍ ନେଇଥିଲେ ଏହା ପରେ ଯେତେବେଳେ ସିରାଜ ଦ୍ୱିତୀୟ ବଲ୍ ବୋଲିଂ କରିବା ଆରମ୍ଭ କଲେ, ବିରାଟ କୋହଲି ତାଙ୍କ ଆଗରେ ଥିଲେ ବିରାଟ ବିପକ୍ଷ ଦଳର ଖେଳାଳି ଥିଲେ ଏହା ସତ୍ତ୍ୱେ ସିରାଜ ତାଙ୍କୁ ବୋଲିଂ କରିପାରି ନ ଥିଲେ ସେ ଭାବପ୍ରବଣ ହୋଇଯାଇଥିଲେ ଏଭଳି ଲାଗୁଥିଲା ଯେପରି ସେ କାନ୍ଦି ପକାଇବେ।

ଭିଡିଓରେ ସିରାଜ ଏବଂ ବିରାଟଙ୍କ ମଧ୍ୟରେ ଯାହା ଘଟୁଥିବାର ଦେଖାଗଲା, ତାହା ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁଭମନ ଗିଲଙ୍କ ପ୍ରତିକ୍ରିୟାରୁ ମଧ ଭଲ ଭାବରେ ବୁଝିହେଉଥିଲା ଗିଲଙ୍କ ଭାବନା ସିରାଜ ଏବଂ ବିରାଟଙ୍କ ମଧ୍ୟରେ ଘଟିଥିବା ଘଟଣାର ସମ୍ପୂର୍ଣ୍ଣ ସ୍ୱଚ୍ଛତା କହିଥିଲା।

ତେବେ ମ୍ୟାଚ ଶେଷ ହେବା ପରେ, ସିରାଜଙ୍କୁ ଏ ବିଷୟରେ ପଚରାଯାଇଥିଲା ତାଙ୍କୁ ପଚରାଗଲା ଯେ ସେ କାହିଁକି ଭାବପ୍ରବଣ ହୋଇଗଲେ ? ଏହା ଉପରେ ସେ କହିଥିଲେ ଯେ ସେ ଭାବପ୍ରବଣ ହୋଇଯାଇଥିଲେ କାରଣ ତାଙ୍କର ସହିତ ୭ ବର୍ଷର ଲମ୍ବା ସମ୍ପର୍କ ରହିଛି ବିରାଟ କୋହଲି ତାଙ୍କର ଆଦର୍ଶ ଏହା ବ୍ୟତୀତ ସେ ଟିକେ ନର୍ଭସ ମଧ ଥିଲେ

ମ୍ୟାଚ ଆରମ୍ଭରେ ସିରାଜ ଫିଲ ସଲ୍ଟ ଏବଂ ଦେବଦତ୍ତ ପାଡିକ୍କଲଙ୍କୁ ଆଉଟ କରି ଆରସିବିର ଆରମ୍ଭକୁ କ୍ଷତି ପହଞ୍ଚାଇଥିଲେ ତାପରେ ସେ ବିପଜ୍ଜନକ ଦେଖାଯାଉଥିବା ଲିଭିଙ୍ଗଷ୍ଟୋନ୍‌ଙ୍କ ଅର୍ଦ୍ଧଶତକୀୟ ଇନିଂସର ଅନ୍ତ ଘଟାଇ ତାଙ୍କ ଦଳ ଗୁଜରାଟ ଟାଇଟାନ୍ସର ବିଜୟ ପାଇଁ ମୂଳଦୁଆ । ପକାଇଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ